# ଓଡ଼ିଆ ବ୍ୟାକରଣ

## ( ସପ୍ତମ ଶ୍ରେଣୀ ପାଇଁ )

ଆମେ

ଭାରତବାସୀ

ପ୍ରକାଶକ

**ଓଡ଼ିଶା ସରକାର**

ଶିକ୍ଷା ଓ ଯୁବକଲ୍ୟାଣ ବିଭାଗ, ଭୁବନେଶ୍ୱର

ସ ୧୮ ୧୦ ୮୯

ଓଡ଼ିଶା ମାଧ୍ୟମିକ ଶିକ୍ଷାବୋର୍ଡ଼ ଦ୍ୱାରା ନିଯୁକ୍ତ ନିମ୍ନୋକ୍ତ
ଲେଖକ ଓ ସମ୍ପାଦକମଣ୍ଡଳୀ :


ଲେଖକ ମଣ୍ଡଳୀ—

**ଡକ୍ଟର ଧନେଶ୍ୱର ମହାପାତ୍ର** ( ସମୀକ୍ଷକ )

**ଶ୍ରୀ ପଞ୍ଚାନନ ମହାନ୍ତି**

**ଶ୍ରୀ ଭଗବାନ ମହାନ୍ତି**

**ଶ୍ରୀ ଶୁଭେନ୍ଦ୍ରମୋହନ ଶ୍ରୀଚନ୍ଦନସିଂହ** ( ସଂଯୋଜକ)



ପ୍ରକାଶକ .
ଓଡ଼ିଶା ସରକାର
ଶିକ୍ଷା ଓ ଯୁବକଲ୍ୟାଣ ବିଭାଗ

ମୁଦ୍ରଣ :
**ପାଠ୍ୟପୁସ୍ତକ ମୁଦ୍ରଣାଳୟ**
**ଭୁବନେଶ୍ୱର**

# ସୂଚିପତ୍ର


| ବିଷୟ | | ପୃଷ୍ଠା |
|---|---|---|
| ୧ । କୃଦନ୍ତ | ... | ୧ |
| ୨ । ତଦ୍ଧିତ | ... | ୬ |
| ୩ । କ୍ରିୟା | ... | ୧୬ |
| (କ) ନାମଧାତୁ କ୍ରିୟା | | |
| (ଖ) ପ୍ରେରଣାର୍ଥକ କ୍ରିୟା | ... | ୧୪ |
| (ଗ) ସଂଯୁକ୍ତ କ୍ରିୟା | ... | ୧୬ |
| ୪ । ଉକ୍ତି ପରିବର୍ତ୍ତନ | ... | ୧୮ |
| (କ) ପ୍ରତ୍ୟକ୍ଷୋକ୍ତି ଓ ପରୋକ୍ଷୋକ୍ତି | | |
| (ଖ) ବିଭିନ୍ନ ପ୍ରକାର ବାକ୍ୟର ଉକ୍ତି ପରିବର୍ତ୍ତନ | ... | ୨୨ |
| ୫ । ବାକ୍ୟର ରୂପାନ୍ତର | ... | ୩୨ |
| (କ) ସରଳ ବାକ୍ୟର ଜଟିଳ ବାକ୍ୟରେ ପରିବର୍ତ୍ତନ | ... | ୩୪ |
| (ଖ) ସରଳ ବାକ୍ୟର ଯୌଗିକ ବାକ୍ୟରେ ପରିବର୍ତ୍ତନ | ... | ୩୬ |
| (ଗ) ଜଟିଳ ବାକ୍ୟର ସରଳ ବାକ୍ୟରେ ପରିବର୍ତ୍ତନ | ... | ୩୮ |
| (ଘ) ଜଟିଳ ବାକ୍ୟର ଯୌଗିକ ବାକ୍ୟରେ ପରିବର୍ତ୍ତନ | .. | ୩୯ |
| (ଙ) ଯୌଗିକ ବାକ୍ୟର ସରଳ ବାକ୍ୟରେ ପରିବର୍ତ୍ତନ | ... | ୪୦ |
| (ଚ) ଯୌଗିକ ବାକ୍ୟର ଜଟିଳ ବାକ୍ୟରେ ପରିବର୍ତ୍ତନ | .. | ୪୧ |
| ୬ । ବାକ୍ୟ ବିଶ୍ଳେଷଣ | ... | ୪୬ |
| ୭ । ପଦାନ୍ୱୟ | ... | ୫୦ |

# ୧. କୃଦନ୍ତ

୧.୧ ହସ୍ + ଅ = ହସ

ପଢ଼୍ + ଆ = ପଢ଼ା

ଏହି ଉଦାହରଣଗୁଡ଼ିକରେ 'ହସ୍' ଓ 'ପଢ଼୍' ଦୁଇଟି ଧାତୁ । କାରଣ ଏଗୁଡ଼ିକରୁ ଆମେ 'ହସେ', 'ହସିଲି', 'ହସିବ' ଏବଂ 'ପଢ଼େ', 'ପଢ଼ିଲି', 'ପଢ଼ିବ' ପ୍ରଭୃତି କ୍ରିୟାମାନ ଗଠନ କରିପାରିବା । ଉପର ଦୁଇ ଧାତୁ ସହ 'ଅ' ଓ 'ଆ' ପ୍ରତ୍ୟୟ ଦୁଇଟି ଯୁକ୍ତହୋଇ ଯଥାକ୍ରମେ 'ହସ' ଓ 'ପଢ଼ା' ଶବ୍ଦଦ୍ୱୟ ଗଠିତ ହୋଇଛି । ଏ ପ୍ରକାର ପ୍ରତ୍ୟୟ 'କୃତ୍ ପ୍ରତ୍ୟୟ'-ରୂପେ ନାମିତ । ଏହି କୃତ୍ ପ୍ରତ୍ୟୟ ଯୋଗରେ ଗଠିତ 'ହସ' ଓ 'ପଢ଼ା' ଦୁଇଟି 'କୃଦନ୍ତ ଶବ୍ଦ' । ଏଥିରୁ ଜାଣିଲ ଯେ,

ଧାତୁ ସହିତ ଯେଉଁ ପ୍ରତ୍ୟୟ ଯୁକ୍ତ ହୁଏ ତାହାକୁ **କୃତ୍ ପ୍ରତ୍ୟୟ** କୁହାଯାଏ ଏବଂ ଧାତୁ ସହ କୃତ୍ ପ୍ରତ୍ୟୟ ଯୋଗରେ ଯେଉଁ ଶବ୍ଦ ଗଠିତ ହୁଏ ତାହାକୁ **କୃଦନ୍ତ ଶବ୍ଦ** କୁହାଯାଏ ।

ତଳେ କେତେକ ପ୍ରଧାନ ପ୍ରଧାନ ଓଡ଼ିଆ ଓ ସଂସ୍କୃତ କୃତ୍ ପ୍ରତ୍ୟୟ ସମ୍ପର୍କରେ ବିଚାର କରାଗଲା ।

## ଓଡ଼ିଆ 'କୃତ୍' ପ୍ରତ୍ୟୟ

୧.୨ 'ଅ' ପ୍ରତ୍ୟୟ

ଖେଳ୍ + ଅ = ଖେଳ, ହସ୍ + ଅ = ହସ, ଡର୍ + ଅ = ଡର, ମୋଡ଼୍ + ଅ = ମୋଡ଼, ହାଣ୍ + ଅ = ହାଣ, ବୋଲ୍ + ଅ = ବୋଲ ଇତ୍ୟାଦି ।

୧.୩ 'ଅଣ' ପ୍ରତ୍ୟୟ

ଗଢ଼୍ + ଅଣ = ଗଢ଼ଣ, ବେଢ଼୍ + ଅଣ = ବେଢ଼ଣ,
ମାଗ୍ + ଅଣ = ମାଗଣ, ଝୁଲ୍ + ଅଣ = ଝୁଲଣ,
ମାର୍ + ଅଣ = ମାରଣ, ଚାର୍ + ଅଣ = ଚାରଣ ପ୍ରଭୃତି ।

୧.୪ 'ଅଣା' ପ୍ରତ୍ୟୟ

ମାଗ୍ + ଅଣା = ମାଗଣା, ବଞ୍ଚ୍ + ଅଣା = ବଞ୍ଚଣା,
ବନ୍ଧ୍ + ଅଣା = ବନ୍ଧଣା, ମାର୍ + ଅଣା = ମାରଣା,
ଖେଳ୍ + ଅଣା = ଖେଳଣା, ଝର୍ + ଅଣା = ଝରଣା ପ୍ରଭୃତି ।

୧.୫ 'ଅଣି' ପ୍ରତ୍ୟୟ

ଖଟ୍ + ଅଣି = ଖଟଣି, ଲୋଟ୍ + ଅଣି = ଲୋଟଣି,
ରହ୍ + ଅଣି = ରହଣି, ସହ୍ + ଅଣି = ସହଣି,
ଛନ୍ଦ୍ + ଅଣି = ଛନ୍ଦଣି, ମଣ୍ଡ୍ + ଅଣି = ମଣ୍ଡଣି ପ୍ରଭୃତି ।

୧.୬ 'ଆ' ପ୍ରତ୍ୟୟ

ଦେଖ୍ + ଆ = ଦେଖା, ଲେଖ୍ + ଆ = ଲେଖା, ପଢ଼୍ + ଆ = ପଢ଼ା,
ଗଢ଼୍ + ଆ = ଗଢ଼ା, କଣ୍ + ଆ = କଣା, ବକ୍ + ଆ = ବକା,
ବସ୍ + ଆ = ବସା, ଉଠ୍ + ଆ = ଉଠା ପ୍ରଭୃତି ।

୧.୭ 'ଆଣ' ପ୍ରତ୍ୟୟ

ଡର୍ + ଆଣ = ଡରଣ, ମିଶ୍ + ଆଣ = ମିଶାଣ,
ଫେଡ଼୍ + ଆଣ = ଫେଡ଼ାଣ, ଉଠ୍ + ଆଣ = ଉଠାଣ,
ବସ୍ + ଆଣ = ବସାଣ ପ୍ରଭୃତି ।

୧.୮ 'ଆଣି' ପ୍ରତ୍ୟୟ

ଶୁଣ୍ + ଆଣି = ଶୁଣାଣି, ଉଠ୍ + ଆଣି = ଉଠାଣି,
ଗଢ଼୍ + ଆଣି = ଗଢ଼ାଣି, ବୁହଁ୍ + ଆଣି = ବୁହାଁଣି,
ବନ୍ଧ୍ + ଆଣି = ବନ୍ଧାଣି ପ୍ରଭୃତି ।

୧.୯ 'ଆଳ' ପ୍ରତ୍ୟୟ

ଖେଳ୍ + ଆଳ = ଖେଳାଳ, ଚଢ୍ + ଆଳ = ଚଢ଼ାଳ,
ବୁଡ୍ + ଆଳ = ବୁଡ଼ାଳ, ଧର୍ + ଆଳ = ଧରାଳ,
ରଖ୍ + ଆଳ = ରଖାଳ, ଚହ୍ଲ୍ + ଆଳ = ଚହ୍ଲାଳ,
ଜଗ୍ + ଆଳ = ଜଗାଳ ପ୍ରଭୃତି ।

୧.୧୦ 'ଉଣି' ପ୍ରତ୍ୟୟ

ଡାକ୍ + ଉଣି = ଡାକୁଣି, ବନ୍ଧ୍ + ଉଣି = ବନ୍ଧୁଣି,
ପରଷ୍ + ଉଣି = ପରଷୁଣି, ମାପ୍ + ଉଣି = ମାପୁଣି,
ମାଗ୍ + ଉଣି = ମାଗୁଣି ପ୍ରଭୃତି ।

୧.୧୧ 'ଉଆଳ' ପ୍ରତ୍ୟୟ

ଜଗ୍ + ଉଆଳ = ଜଗୁଆଳ, ରଖ୍ + ଉଆଳ = ରଖୁଆଳ,
ଠେଲ୍ + ଉଆଳ = ଠେଲୁଆଳ, ଖେଳ୍ + ଉଆଳ = ଖେଳୁଆଳ
ପ୍ରଭୃତି ।

୧.୧୨ 'ଉଣା' ପ୍ରତ୍ୟୟ

ଗା + ଉଣା = ଗାଉଣା, ପା + ଉଣା = ପାଉଣା,
ଡାକ୍ + ଉଣା = ଡାକୁଣା ପ୍ରଭୃତି ।

୧.୧୩ 'ଉଆ' ପ୍ରତ୍ୟୟ

ଲଢ୍ + ଉଆ = ଲଢୁଆ, ପଢ୍ + ଉଆ = ପଢୁଆ,
ଜଗ୍ + ଉଆ = ଜଗୁଆ, ଡାକ୍ + ଉଆ = ଡାକୁଆ ପ୍ରଭୃତି ।

## ସଂସ୍କୃତ 'କୃତ୍' ପ୍ରତ୍ୟୟ

୧.୧୪ 'ଅନ' ପ୍ରତ୍ୟୟ

ଗମ୍ + ଅନ = ଗମନ, ଯା + ଅନ = ଯାନ,
ସ୍ଥା + ଅନ = ସ୍ଥାନ, ସ୍ନା + ଅନ = ସ୍ନାନ,
ଦମ୍ + ଅନ = ଦମନ, ମନ୍ଥ୍ + ଅନ = ମନ୍ଥନ,
ଖଣ୍ଡ୍ + ଅନ = ଖଣ୍ଡନ, ଘଟ୍ + ଅନ = ଘଟନ ପ୍ରଭୃତି ।

୧.୧୫ 'ଉକ' ପ୍ରତ୍ୟୟ

ନନ୍ଦ୍ + ଉକ = ନନ୍ଦୁକ, ଭୂ + ଉକ = ଭାବୁକ ପ୍ରଭୃତି ।

୧.୧୬ 'ର' ପ୍ରତ୍ୟୟ

କ୍ଷୁଦ୍ + ର = କ୍ଷୁଦ୍ର, ହିଂସ୍ + ର = ହିଂସ୍ର,
ରୁଦ୍ + ର = ରୁଦ୍ର, ଛିଦ୍ + ର = ଛିଦ୍ର,
ନମ୍ + ର = ନମ୍ର, କମ୍ + ର = କମ୍ର ପ୍ରଭୃତି ।

୧.୧୭ 'ତ' ପ୍ରତ୍ୟୟ

ଖ୍ୟା + ତ = ଖ୍ୟାତ, ମୃ + ତ = ମୃତ,
ଘ୍ରା + ତ = ଘ୍ରାତ, ସ୍ନା + ତ = ସ୍ନାତ,
ତପ୍ + ତ = ତପ୍ତ ଜ୍ଞା + ତ = ଜ୍ଞାତ,
ଲିପ୍ + ତ = ଲିପ୍ତ ହୃ + ତ = ହୃତ ପ୍ରଭୃତି ।

କେତେକ ଧାତୁ ସହିତ ଏହି 'ତ' ପ୍ରତ୍ୟୟ ଯୁକ୍ତ ହେଲାବେଳେ 'ଇ'ର ଆଗମ ହୁଏ ।

ଯଥା — ଶିକ୍ଷ୍ + ତ = ଶିକ୍ଷିତ, ଜୀବ୍ + ତ = ଜୀବିତ,
ମିଳ୍ + ତ = ମିଳିତ, ଲିଖ୍ + ତ = ଲିଖିତ,
ପଠ୍ + ତ = ପଠିତ, ନନ୍ଦ୍ + ତ = ନନ୍ଦିତ,
ବଞ୍ଚ୍ + ତ = ବଞ୍ଚିତ, ରକ୍ଷ୍ + ତ = ରକ୍ଷିତ,
ଦଳ୍ + ତ = ଦଳିତ, ବଦ୍ + ତ = ବଦିତ ପ୍ରଭୃତି ।

୧.୧୮ 'ତ' ପ୍ରତ୍ୟୟ

ସ୍ତୁ+ତ=ସ୍ତୁତ, ମା+ତ=ମାତ, ଗୀ+ତ=ଗୀତ,
ଖ୍ୟା+ତ=ଖ୍ୟାତ, ଘ୍ରା+ତ=ଘ୍ରାତ, ପ୍ରୀ+ତ=ପ୍ରୀତ,
ଦୀପ୍‌+ତ=ଦୀପ୍ତି, ତୃପ୍‌+ତ=ତୃପ୍ତି, ଶାସ୍‌+ତ=ଶାସ୍ତି
ଭଜ୍‌+ତ=ଭକ୍ତ ପ୍ରଭୃତି ।

୧.୧୯ 'ଅନୀୟ' ପ୍ରତ୍ୟୟ

ପା+ଅନୀୟ=ପାନୀୟ, କଥ୍‌+ଅନୀୟ=କଥନୀୟ,
ପୂଜ୍‌+ଅନୀୟ=ପୂଜନୀୟ, ପଠ୍‌+ଅନୀୟ=ପଠନୀୟ,
ଦୃଶ୍‌+ଅନୀୟ=ଦର୍ଶନୀୟ, ସ୍ଥା+ଅନୀୟ=ସ୍ଥାନୀୟ,
କୃ+ଅନୀୟ=କରଣୀୟ ପ୍ରଭୃତି ।

୧.୨୦ 'ଯ' ପ୍ରତ୍ୟୟ

କୃ+ଯ=କାର୍ଯ୍ୟ, ଧୃ+ଯ=ଧାର୍ଯ୍ୟ,
ସହ୍‌+ଯ=ସହ୍ୟ, ପଠ୍‌+ଯ=ପାଠ୍ୟ,
ଦୃଶ୍‌+ଯ=ଦୃଶ୍ୟ, ମନ୍‌+ଯ=ମାନ୍ୟ,
ରମ୍‌+ଯ=ରମ୍ୟ, ନୃତ୍‌+ଯ=ନୃତ୍ୟ,
ହସ୍‌+ଯ=ହାସ୍ୟ, ଭକ୍ଷ୍‌+ଯ=ଭକ୍ଷ୍ୟ ପ୍ରଭୃତି ।

## ଅନୁଶୀଳନୀ

୧ । ତଳ ଶବ୍ଦଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ କୃଦନ୍ତ ଶବ୍ଦ ଚିହ୍ନେଇ ସେଗୁଡ଼ିକ କପର ଗଠିତ ହୋଇଛି କହ ।

ବାଜା, ଜଗା, ଚୋଗା, ଘର, ଧର, ଛୁଞ୍ଚା, ନାଚୁଆ, ଧାରୁଆ, ଲଢ଼ୁଆ, ବାଟୁଆ ।

୨ । ଅ, ଅଣି, ଆଣ, ଆଳ, ଉଣି, ର, ତ, ଯ ପ୍ରତ୍ୟୟ ଯୋଗରେ ପାଞ୍ଚଟି ଲେଖାଏଁ ଶବ୍ଦ ଗଠନ କର ।

( ପ୍ରଥମେ ମୌଖିକ ଉତ୍ତର ଦିଅ ଓ ପରେ ଲେଖ )

୩ । ତଳେ ଦିଆଯାଇଥିବା ଧାତୁଗୁଡ଼ିକରେ ଦୁଇଟି ଲେଖାଏଁ କୃତ୍ ପ୍ରତ୍ୟୟ ଯୋଗକରି ଶବ୍ଦ ଗଠନ କର ।

ଝାଡ଼୍, ମାର୍, ଚେତ୍, ଚାହ୍, ଜଗ୍, ଝୁଲ୍, ଡର୍, ପଠ୍, ଖା, ଦୃଶ୍ ।

୪ । ତୁମ ପଠିତ ପ୍ରଥମ ଦୁଇଟି ଗଦ୍ୟ ପ୍ରସଙ୍ଗରୁ କୃଦନ୍ତ ଥିବା ତଦ୍ଭବ ଶବ୍ଦ ସଂଗ୍ରହ କର ଓ ବର୍ଣ୍ଣାନୁକ୍ରମିକ ତାଲିକା ତିଆରି କର ।

( ଯଥା : କର୍ମ, ଖେଳା, ଗମନ ଇତ୍ୟାଦି )

## ୨. ତଦ୍ଧିତ

ପାହାଡ଼+ଇଆ = ପାହାଡ଼ିଆ
ବଳ+ଉଆ = ବଳୁଆ

୨.୧ ପୂର୍ବରୁ ପ୍ରତ୍ୟୟ ସମ୍ପର୍କୀୟ ଆଲୋଚନା ପଢ଼ିଲ । ଏଥର 'ପାହାଡ଼ିଆ' ଓ 'ବଳୁଆ' ଶବ୍ଦଦୁଇଟିର ଗଠନ ଦେଖିଲ ।

ଏଠି ଲକ୍ଷ୍ୟ କର ଯେ 'ପାହାଡ଼' ଓ 'ବଳ' ଦୁଇଟି ଶବ୍ଦ; 'ହସ' ର 'ହସ୍' ବା 'ପଡା' ର 'ପଢ଼୍' ପରି ଧାତୁ ନୁହେଁ । ଏହି ଶବ୍ଦ-ଦୁଇଟି ସହ ଯଥାକ୍ରମେ 'ଇଆ' ଓ 'ଉଆ' ପ୍ରତ୍ୟୟ ଯୁକ୍ତ ହୋଇଛି । ଏହି ପ୍ରତ୍ୟୟଗୁଡ଼ିକର ନାଁ ହେଲା, 'ତଦ୍ଧିତ ପ୍ରତ୍ୟୟ' ଏବଂ ଏହି ତଦ୍ଧିତ ପ୍ରତ୍ୟୟ ଯୋଗରେ ଗଠିତ 'ପାହାଡ଼ିଆ' ଓ 'ବଳୁଆ' ଗୋଟିଏ ଗୋଟିଏ 'ତଦ୍ଧିତ ଶବ୍ଦ' । ଏଥିରୁ ଜାଣିଲ ଯେ,

> ଶବ୍ଦ ସହିତ ଯେଉଁ ପ୍ରତ୍ୟୟ ଯୁକ୍ତ ହୋଇ ନୂଆ ଶବ୍ଦଟିଏ ତିଆରି ହୁଏ ସେହି ପ୍ରତ୍ୟୟକୁ **ତଦ୍ଧିତ ପ୍ରତ୍ୟୟ** ଏବଂ ନୂଆ ଶବ୍ଦଟିକୁ **ତଦ୍ଧିତ ଶବ୍ଦ** କୁହାଯାଏ ।

ତଳେ କେତୋଟି ପ୍ରଧାନ ପ୍ରଧାନ ଓଡ଼ିଆ ଓ ସଂସ୍କୃତ ତଦ୍ଧିତ ପ୍ରତ୍ୟୟ ବିଷୟରେ ବର୍ଣ୍ଣନା କରାଗଲା ।

### ଓଡ଼ିଆ 'ତଦ୍ଧିତ' ପ୍ରତ୍ୟୟ

୨.୨ 'ଆ' ପ୍ରତ୍ୟୟ

ଗଣ୍ଠି+ଆ = ଗଣ୍ଠିଆ, କାନ୍ଥ+ଆ = କାନ୍ଥୁଆ,
ଜାଡ଼+ଆ = ଜାଡ଼ୁଆ, ଥାଳ+ଆ = ଥାଳିଆ,
ଚୁଟି+ଆ = ଚୁଟିଆ, ଦାଢ଼ି+ଆ = ଦାଢ଼ିଆ,
ସରୁ+ଆ = ସରୁଆ, ମାଟି+ଆ = ମାଟିଆ,
ଗେରୁ+ଆ = ଗେରୁଆ, ରଘୁ+ଆ = ରଘୁଆ ପ୍ରଭୃତି ।

୨.୩ 'ଇ' ପ୍ରତ୍ୟୟ

ତେଲ + ଇ = ତେଲି, ତନ୍ତ + ଇ = ତନ୍ତି,
ଗୃକର + ଇ = ଗୃକରି, ଡାକ୍ତର + ଇ = ଡାକ୍ତରି,
ମାଷ୍ଟର + ଇ = ମାଷ୍ଟରି, ହାକମ + ଇ = ହାକମି,
ଘଣ୍ଟ + ଇ = ଘଣ୍ଟି, ଚକ + ଇ = ଚକି ପ୍ରଭୃତି ।

୨.୪ 'ଇଆ' ପ୍ରତ୍ୟୟ

ଲୁଣ + ଇଆ = ଲୁଣିଆ, ମୁନ + ଇଆ = ମୁନିଆ,
ଘାଟ + ଇଆ = ଘାଟିଆ, ଶଗଡ଼ + ଇଆ = ଶଗଡ଼ିଆ,
ହଳ + ଇଆ = ହଳିଆ, ବାଲେଶ୍ୱର + ଇଆ = ବାଲେଶ୍ୱରିଆ,
କଟକ + ଇଆ = କଟକିଆ, ବାଇଗଣ + ଇଆ = ବାଇଗଣିଆ,
ଗୁରୁବାର + ଇଆ = ଗୁରୁବାରିଆ ପ୍ରଭୃତି ।

୨.୫ 'ଉଆ' ପ୍ରତ୍ୟୟ

ବଣ + ଉଆ = ବଣୁଆ, ସାପ + ଉଆ = ସାପୁଆ,
ପାଠ + ଉଆ = ପାଠୁଆ, ଘର + ଉଆ = ଘରୁଆ,
ହାଟ + ଉଆ = ହାଟୁଆ, ମିଛ + ଉଆ = ମିଛୁଆ,
ସକାଳ + ଉଆ = ସକାଳୁଆ, ମେଘ + ଉଆ = ମେଘୁଆ,
ଘର + ଉଆ = ଘରୁଆ, ଟାଣ + ଉଆ = ଟାଣୁଆ,
କାଠ + ଉଆ = କାଠୁଆ, ମହୁ + ଉଆ = ମହୁଆ ପ୍ରଭୃତି ।

୨.୬ 'ଆମି' ପ୍ରତ୍ୟୟ

ଠକ + ଆମି = ଠକାମି, ଭଦ୍ର + ଆମି = ଭଦ୍ରାମି,
ମୂର୍ଖ + ଆମି = ମୂର୍ଖାମି, ଦୁଷ୍ଟ + ଆମି = ଦୁଷ୍ଟାମି,
ପାଗଳ + ଆମି = ପାଗଳାମି ପ୍ରଭୃତି ।

୨.୭ 'ଆର' ପ୍ରତ୍ୟୟ

ଭକ + ଆର = ଭକାର, ସୁନା + ଆର = ସୁନାର,
କଂସା + ଆର = କଂସାର, ଶଙ୍ଖ + ଆର = ଶଙ୍ଖାର ପ୍ରଭୃତି ।

୨.୮ 'ଗିର' ପ୍ରତ୍ୟୟ

ପଣ୍ଡିତ + ଗିର = ପଣ୍ଡିତଗିର, ଢୁଲ + ଗିର = ଢୁଲଗିର,
ନେତା + ଗିର = ନେତାଗିର, କରଣି + ଗିର = କରଣିଗିର,
ବାବୁ + ଗିର = ବାବୁଗିର ପ୍ରଭୃତି ।

୨.୯ 'ପଣ' ପ୍ରତ୍ୟୟ

ଦାତା + ପଣ = ଦାତାପଣ, ପଣ୍ଡିତ + ପଣ = ପଣ୍ଡିତପଣ,
ଭଲ + ପଣ = ଭଲପଣ, ଦୁଷ୍ଟ + ପଣ = ଦୁଷ୍ଟପଣ,
ବାପ + ପଣ = ବାପପଣ ପ୍ରଭୃତି ।

## ସଂସ୍କୃତ ତଦ୍ଧିତ ପ୍ରତ୍ୟୟ

୨.୧୦ 'ଇକ' ପ୍ରତ୍ୟୟ

ପ୍ରଦେଶ + ଇକ = ପ୍ରାଦେଶିକ, ଶରୀର + ଇକ = ଶାରୀରିକ,
ଧର୍ମ + ଇକ = ଧାର୍ମିକ, ଗଣିତ + ଇକ = ଗାଣିତିକ,
ସାହିତ୍ୟ + ଇକ = ସାହିତ୍ୟିକ, ସଂସାର + ଇକ = ସାଂସାରିକ,
ଦିନ + ଇକ = ଦୈନିକ, ପୁରାଣ + ଇକ = ପୌରାଣିକ,
ବିଜ୍ଞାନ + ଇକ = ବୈଜ୍ଞାନିକ ପ୍ରଭୃତି ।

୨.୧୧ 'ଇତ' ପ୍ରତ୍ୟୟ

ପୁଷ୍ପ + ଇତ = ପୁଷ୍ପିତ, ମୁଖର + ଇତ = ମୁଖରିତ,
କଣ୍ଟକ + ଇତ = କଣ୍ଟକିତ, ଲଜ୍ଜା + ଇତ = ଲଜ୍ଜିତ,
ବ୍ୟଥା + ଇତ = ବ୍ୟଥିତ ପ୍ରଭୃତି ।

୨.୧୨ 'ଈ' ( ଇନ୍ ) ପ୍ରତ୍ୟୟ

ଗୁଣ + ଈ = ଗୁଣୀ, ମାନ + ଈ = ମାନୀ, ଧନ + ଈ = ଧନୀ,
ସୁଖ + ଈ = ସୁଖୀ, ଦୁଃଖ + ଈ = ଦୁଃଖୀ, ଜ୍ଞାନ + ଈ = ଜ୍ଞାନୀ
ପ୍ରଭୃତି ।

୨.୧୩ 'ଈନ' ପ୍ରତ୍ୟୟ

କୁଳ + ଈନ = କୁଳୀନ, କାଳ + ଈନ = କାଳୀନ,
ସର୍ବାଙ୍ଗ + ଈନ = ସର୍ବାଙ୍ଗୀନ, ସର୍ବଜନ + ଈନ = ସାର୍ବଜନୀନ,
ନବ + ଈନ = ନବୀନ ପ୍ରଭୃତି ।

୨.୧୪ 'ଈୟ' ପ୍ରତ୍ୟୟ

ଦେଶ + ଈୟ = ଦେଶୀୟ, ଭରତ + ଈୟ = ଭରତୀୟ,
ବଂଶ + ଈୟ = ବଂଶୀୟ, ଶାସ୍ତ୍ର + ଈୟ = ଶାସ୍ତ୍ରୀୟ,
ଉତ୍କଳ + ଈୟ = ଉତ୍କଳୀୟ, ଜଳ + ଈୟ = ଜଳୀୟ ପ୍ରଭୃତି ।

୨.୧୫ 'ତା' ପ୍ରତ୍ୟୟ

ସ୍ଥିର୍ + ତା = ସ୍ଥିରତା, ଉଦାର୍ + ତା = ଉଦାରତା,
ମୂର୍ଖ + ତା = ମୂର୍ଖତା, ସାଧୁ + ତା = ସାଧୁତା,
ଚପଳ + ତା = ଚପଳତା, ମଧୁର୍ + ତା = ମଧୁରତା ପ୍ରଭୃତି ।

୨.୧୬ 'ତର' ପ୍ରତ୍ୟୟ

ଦୀର୍ଘ + ତର = ଦୀର୍ଘତର, କ୍ଷିପ୍ର + ତର = କ୍ଷିପ୍ରତର,
ପ୍ରିୟ + ତର = ପ୍ରିୟତର, ଗୁରୁ + ତର = ଗୁରୁତର,
କ୍ଷୁଦ୍ର + ତର = କ୍ଷୁଦ୍ରତର, ବୃହତ୍ + ତର = ବୃହତ୍ତର ପ୍ରଭୃତି ।

୨.୧୭ 'ତମ' ପ୍ରତ୍ୟୟ

ଦୀର୍ଘ + ତମ = ଦୀର୍ଘତମ, ପ୍ରିୟ + ତମ = ପ୍ରିୟତମ,
କ୍ଷୁଦ୍ର + ତମ = କ୍ଷୁଦ୍ରତମ, ଲଘୁ + ତମ = ଲଘୁତମ,
ବୃହତ୍ + ତମ = ବୃହତ୍ତମ ପ୍ରଭୃତି ।

୨.୧୮ 'ମୟ' ପ୍ରତ୍ୟୟ

ପୁଷ୍ପ + ମୟ = ପୁଷ୍ପମୟ, ଜଳ + ମୟ = ଜଳମୟ,
ପାପ + ମୟ = ପାପମୟ, ଧୂମ + ମୟ = ଧୂମମୟ,
ମଧୁ + ମୟ = ମଧୁମୟ ପ୍ରଭୃତି ।

୨.୧୯ 'ଯ' ପ୍ରତ୍ୟୟ

ସମ + ଯ = ସାମ୍ୟ,
ଗମ୍ଭୀର + ଯ = ଗାମ୍ଭୀର୍ଯ୍ୟ,
ତରୁଣ + ଯ = ତାରୁଣ୍ୟ,
ଅଳସ + ଯ = ଆଳସ୍ୟ,
ଧୀର + ଯ = ଧୈର୍ଯ୍ୟ,
ସଖା + ଯ = ସଖ୍ୟ,
ଦନ୍ତ + ଯ = ଦନ୍ତ୍ୟ,
ସୁନ୍ଦର + ଯ = ସୌନ୍ଦର୍ଯ୍ୟ,
ଅର୍ଘ + ଯ = ଅର୍ଘ୍ୟ,
ସଭା + ଯ = ସଭ୍ୟ,
କରୁଣ + ଯ = କାରୁଣ୍ୟ,
ସେନା + ଯ = ସୈନ୍ୟ,
ଗ୍ରାମ + ଯ = ଗ୍ରାମ୍ୟ ପ୍ରଭୃତି ।

## ଅନୁଶୀଳନୀ

୧ । ତଳ ଶବ୍ଦଗୁଡ଼ିକ ମଧ୍ୟରୁ ତଦ୍ଧିତ ଶବ୍ଦଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ଗଠନ ବର୍ଣ୍ଣନା କର ।

ଜଗୁଆଳ, ମାଡ଼ୁଆ, ପଢ଼ୁଆ, ତାଳୁଆ, ଖାଲୁଆ, ଶିକ୍ଷିତ, ଲଜ୍ଜିତ, ମଙ୍ଗୁଆଳ, ଗ୍ରାମ୍ୟ, ରମ୍ୟ ।

୨ । ନିମ୍ନ ପ୍ରତ୍ୟୟଗୁଡ଼ିକ ଯୋଗକରି ତଦ୍ଧିତ ଶବ୍ଦ ଗଠନ କର ।
ଆ, ଇ, ଇଆ, ଉଆ, ଆମି, ଇତ, ଈ, ଈୟ, ଯ ।

୩ । ତଳ ଶବ୍ଦଗୁଡ଼ିକରେ ତଦ୍ଧିତ ପ୍ରତ୍ୟୟ ଯୋଗକରି ଶବ୍ଦ ଗଠନ କର ।
ପାଗଳ, ଶଙ୍ଖ, ଗୁଡ଼, କପାଳ, ଗଣ୍ଡି, ଗୁଣ, ପୁଷ୍ପ, ନବ, ଶାସ୍ତ୍ର, ଲଘୁ ।

୪ । ତୁମ ପଠିତ ତୃତୀୟ ଓ ଚତୁର୍ଥ ଗଦ୍ୟ ପ୍ରସଙ୍ଗରୁ ତଦ୍ଧିତ ପ୍ରତ୍ୟୟଥିବା ଶବ୍ଦଗୁଡ଼ିକୁ ଏକାଠି କର ଓ ବର୍ଣ୍ଣାନୁକ୍ରମରେ ସଜାଅ ।

# ୩. କ୍ରିୟା

## (କ) ନାମଧାତୁ କ୍ରିୟା ବା ଶବ୍ଦଜ କ୍ରିୟା

ଅ.୧ ଷଷ୍ଠ ଶ୍ରେଣୀ ପାଠ୍ୟରେ ତମେ ଶବ୍ଦଜ କ୍ରିୟା ବା ନାମଧାତୁ କ୍ରିୟା ସମ୍ପର୍କରେ ପଢ଼ିଛ । ତେବେ ବୁଝିବାର ସୁବିଧା ପାଇଁ ଆଉ କେତୋଟି ଉଦାହରଣ ନିଅ ।

| ଶବ୍ଦ | ଶବ୍ଦଜ କ୍ରିୟା |
|---|---|
| ଆଖି | ଆଖେଇବା |
| କାନ | କାନେଇବା |
| ଡେଙ୍ଗା | ଡେଙ୍ଗେଇବା |
| ଉଷୁମ | ଉଷୁମେଇବା / ଉଷୁମାଇବା |

ଅ.୨ ଏଠି ଯେଉଁ ଶବ୍ଦଗୁଡ଼ିକରୁ କ୍ରିୟାଗୁଡ଼ିକ ଜାତ ହୋଇଛି ସେସବୁ ମଧ୍ୟରୁ ପ୍ରଥମ ଦୁଇଟି ( 'ଆଖି' ଓ 'କାନ' ) ବିଶେଷ୍ୟ ଏବଂ ଅନ୍ୟ ଦୁଇଟି ( 'ଡେଙ୍ଗା' ଓ 'ଉଷୁମ' ) ବିଶେଷଣ । ଓଡ଼ିଆରେ ବ୍ୟବହୃତ ଶବ୍ଦଜ କ୍ରିୟାଗୁଡ଼ିକୁ ବିଶ୍ଳେଷଣ କଲେ ଦେଖିବ ଯେ ସାଧାରଣଭାବେ ବିଶେଷ୍ୟ ଓ ବିଶେଷଣରୁ ହିଁ ଏଗୁଡ଼ିକର ସୃଷ୍ଟି ।

| ବିଶେଷ୍ୟ | ଶବ୍ଦଜ କ୍ରିୟା |
|---|---|
| ଗୋଛ | ଗୋଛେଇବା / ଗୋଛାଇବା |
| ବାଡ଼ | ବାଡ଼େଇବା / ବାଡ଼ାଇବା |
| ଚେର | ଚେରେଇବା / ଚେରାଇବା |
| ଗାର | ଗାରେଇବା / ଗାରାଇବା |
| ଝାଳ | ଝାଳେଇବା |
| ମୁଠା | ମୁଠେଇବା / ମୁଠାଇବା |

| ବିଶେଷ୍ୟ | ଶବ୍ଦଜ କ୍ରିୟା |
|---|---|
| ପୂଜା | ପୂଜେଇବା |
| ବାଟ | ବାଟେଇବା |
| ନାକ | ନାକେଇବା |
| ଗୋଡ଼ | ଗୋଡ଼େଇବା / ଗୋଡ଼ାଇବା |
| ରଙ୍ଗ | ରଙ୍ଗେଇବା / ରଙ୍ଗାଇବା |
| ଲଟା | ଲଟେଇବା / ଲଟାଇବା |
| ହାତ | ହାତେଇବା |

| ବିଶେଷଣ | ଶବ୍ଦଜ କ୍ରିୟା |
|---|---|
| ଉଞ୍ଚ | ଉଞ୍ଚେଇବା / ଉଞ୍ଚାଇବା |
| ଉଷୁମ | ଉଷୁମେଇବା / ଉଷୁମାଇବା |
| ଗୋଟା | ଗୋଟେଇବା / ଗୋଟାଇବା |
| ଚୂନା | ଚୂନେଇବା |
| ଚକ୍‌କଣ | ଚକ୍‌କଣେଇବା |
| ଚ୍ଚେଟ, ଚ୍ଚେଟା | ଚ୍ଚେଟେଇବା |
| ପାକଳ | ପାକଳେଇବା |
| ପତଳା | ପତଳେଇବା |
| ମୋଟା | ମୋଟେଇବା / ମୋଟାଇବା |
| ରୁଣ୍ଡ | ରୁଣ୍ଡେଇବା / ରୁଣ୍ଡାଇବା |
| ଶୀତଳ | ଶୀତଳେଇବା / ଶୀତଳାଇବା |
| ଡେଙ୍ଗା | ଡେଙ୍ଗେଇବା |
| ଲମ୍ବା | ଲମ୍ବେଇବା / ଲମ୍ବାଇବା |

## ଅନୁଶୀଳନୀ

[ ପ୍ରଥମେ କହିବ ଓ ପରେ ଲେଖିବ ]

୧। ତଳ ବାକ୍ୟଗୁଡ଼ିକରେ ବ୍ୟବହୃତ କ୍ରିୟାପଦଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଶବ୍ଦଜ କ୍ରିୟା ସ୍ଥିର କର ।

(କ) ପିଲାଟି ଗଛରୁ ଆମ୍ବ ଝଡ଼େଇଲା ।

(ଖ) ପାଜଲ ଘରକୁ ସୁନ୍ଦର ସଜେଇଛି ।

(ଗ) ଲୋକମାନେ କଳାବଜାରୀଙ୍କୁ ବାଡ଼େଇଲେ ।

(ଘ) ବନ ଭଲ ତବଲା ବଜାଏ ।

(ଙ) କୁକୁରଟି ଖରାରେ ଧକେଇଲା ।

୨। ଆମ ଦେହର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ନାମରୁ ଗଠିତ ଦଶଟି ଶବ୍ଦଜ କ୍ରିୟାର ଉଦାହରଣ ଦିଅ ।

୩। ଦଶଟି ବିଶେଷଣରୁ ଜାତ ଶବ୍ଦଜ କ୍ରିୟାର ଉଦାହରଣ ଦେଇ ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

## (ଖ) ପ୍ରେରଣାର୍ଥକ କ୍ରିୟା ବା ପ୍ରଯୋଜକ କ୍ରିୟା

ଶା.ଶ ଷଷ୍ଠ ଶ୍ରେଣୀ ପାଠରୁ ତମେ ପ୍ରଯୋଜକ କ୍ରିୟା ବିଷୟରେ ଜାଣିଛ । ବୁଝିବାର ସୁବିଧା ପାଇଁ ଆଉ କେତୋଟି ଉଦାହରଣ ନିଅ ।

୧। (କ) ଝିମିଲି ହସିବ ।

(ଖ) ସ୍ୱାତି ଝିମିଲିକୁ ହସେଇବ ।

୨। (କ) ଝିମିଲି ରାଗିବ ।

(ଖ) ସ୍ୱାତି ଝିମିଲିକୁ ରାଗେଇବ ।

୧ । (କ) ଓ ୨ । (କ) ରେ ହସିଲା ନିଜେ ଯଥାକ୍ରମେ 'ହସିବା' ଏବଂ 'ରଗିବା,' ମାତ୍ର ୧ । (ଖ) ଓ ୨ । (ଖ)ରେ ସେ ସ୍ୱାର୍ଥର ପ୍ରଯୋଜନା ଫଳରେ 'ହସିବା' ଏବଂ 'ରଗିବା' । ତେଣୁ ୧ । (ଖ) ଓ ୨ । (ଖ)ର କ୍ରିୟା 'ହସେଇବା' ଓ 'ରଗେଇବା' ଦୁଇଟି ପ୍ରଯୋଜକ କ୍ରିୟା ।

୩.୪ ଏପର୍ଯ୍ୟନ୍ତ ଆମେ ଯେତେଗୁଡ଼ିଏ ପ୍ରଯୋଜକ କ୍ରିୟା ସମ୍ପର୍କରେ ବିଚାର କରିଥାଇଁ ସେସବୁର ମୂଳ କ୍ରିୟା ସହିତ ରୂପଗତ ସାମ୍ୟ ଓ ସାମଞ୍ଜସ୍ୟ ସ୍ପଷ୍ଟ । ଯେମିତି ପଢ଼ିଲା—ପଢ଼େଇଲା, ହସିବା—ହସେଇବା । କିନ୍ତୁ ଓଡ଼ିଆରେ ଏପରି କେତେକ କ୍ରିୟା ଅଛି ଯାହା ତାହାର ପ୍ରଯୋଜକ କ୍ରିୟା ରୂପଠାରୁ ପୃଥକ୍ । ଯଥା—

୧ । (କ) ପଇସା ପଡ଼ିଲା ।
(ଖ) ମୁଁ ପଇସା ପକେଇଲି ।

୨ । (କ) ଜଳ ବିଦେଶ ଗଲା ।
(ଖ) ଜଗା ଜଳକୁ ବିଦେଶ ପଠେଇଲା ।

ଲକ୍ଷ୍ୟ କର ଯେ ୧ । (କ) ଓ (ଖ)ରେ 'ପଡ଼ିଲା' ଠାରୁ 'ପକେଇଲି' ଏବଂ ୨ । (କ) ଓ (ଖ)ରେ 'ଗଲା' ଠାରୁ 'ପଠେଇଲା'ର ରୂପ ପୃଥକ୍ ।

## ଅନୁଶୀଳନୀ

[ ପ୍ରଥମେ କହ ଓ ପରେ ଲେଖ ]

୧ । ସାଧାରଣ କ୍ରିୟା ଓ ପ୍ରଯୋଜକ କ୍ରିୟା ମଧ୍ୟରେ ପାର୍ଥକ୍ୟ କ'ଣ ଉଦାହରଣ ଦେଇ ବୁଝାଇ ଦିଅ ।

୨ । ଓଡ଼ିଆରେ ପ୍ରଯୋଜକ କ୍ରିୟାର ବିଭିନ୍ନ ରୂପ ଉଦାହରଣ ସହ ଦର୍ଶାଅ ।

୩ । ତୁମ ବହିରୁ ପ୍ରଯୋଜକ କ୍ରିୟାର ବିଭିନ୍ନ ଉଦାହରଣ ସଂଗ୍ରହ କର ।

## (ଗ) ସଂଯୁକ୍ତ କ୍ରିୟା ବା ମିଶ୍ର କ୍ରିୟା

ଶ.୫ ୧। (କ) ଆମେ ନିତ୍ୟ ବ୍ୟାକରଣ ପଢ଼ୁଁ ।

(ଖ) ଆମେ ନିତ୍ୟ ବ୍ୟାକରଣ ପଠନ କରୁଁ ।

୨। (କ) ସୂର୍ଯ୍ୟ ପୂର୍ବ ଦିଗରେ ଉଇଁଲେ ।

(ଖ) ସୂର୍ଯ୍ୟ ପୂର୍ବ ଦିଗରେ ଉଦିତ ହେଲେ ।

୧। (କ) ଓ (ଖ) ର କ୍ରିୟା 'ପଢ଼ୁଁ' ଓ 'ପଠନ କରୁଁ' ଏବଂ ୨। (କ) ଓ (ଖ) ର କ୍ରିୟା 'ଉଇଁଲେ' ଓ 'ଉଦିତ ହେଲେ' ମଧ୍ୟରେ ଅର୍ଥଗତ ପାର୍ଥକ୍ୟ କିଛି ନାହିଁ । ଏଠି ଲକ୍ଷ୍ୟ କର ଯେ 'ପଢ଼ୁଁ' ଓ 'ଉଇଁଲେ'ରେ ଗୋଟିଏ ଗୋଟିଏ ପଦ ରହିଛି । ମାତ୍ର 'ପଠନ କରୁଁ'ରେ 'ପଠନ' ଓ 'କରୁଁ' ପଦଦୁଇଟି ଏବଂ 'ଉଦିତ ହେଲେ'ରେ 'ଉଦିତ' ଓ 'ହେଲେ' ପଦଦୁଇଟି ରହିଛି । ଏଣୁ 'ପଠନ କରୁଁ' ଓ 'ଉଦିତ ହେଲେ' ଗୋଟିଏ ଗୋଟିଏ ମିଶ୍ର କ୍ରିୟା । ଏଇପରି—

ଶ.୬ ଦୁଇଟି ପଦର ସଂଯୋଗରେ ଯେଉଁ କ୍ରିୟା ଗଠିତ ହୁଏ ତାହାକୁ ସଂଯୁକ୍ତ କ୍ରିୟା ବା ମିଶ୍ର କ୍ରିୟା କୁହାଯାଏ । ଉପରେ ଆଲୋଚିତ 'ପଠନ କରୁଁ'ରେ 'ପଠନ' ବିଶେଷ୍ୟ ଓ 'କରୁଁ' କ୍ରିୟା ଏବଂ 'ଉଦିତ' ବିଶେଷଣ ଓ 'ହେଲେ' କ୍ରିୟା । ଏଥିରୁ ଜାଣିରଖ ଯେ ମିଶ୍ର କ୍ରିୟାରେ ପୂର୍ବ ପଦଟି ବିଶେଷ୍ୟ ନ ହେଲେ ବିଶେଷଣ ଓ ପର ପଦଟି କ୍ରିୟା ବ୍ୟବହୃତ ହୁଏ ।

ତଳେ କେତେକ ସାଧାରଣ କ୍ରିୟା ଏବଂ ସେଗୁଡ଼ିକର ମିଶ୍ର କ୍ରିୟାର ରୂପ ଦେଖାଇ ଦିଆଗଲା ।

| କ୍ରିୟା | ମିଶ୍ର କ୍ରିୟା |
|---|---|
| ଯିବା | ଗମନକରିବା |
| ଦେଖିବା | ଦର୍ଶନକରିବା |

| କ୍ରିୟା | ମିଶ୍ର କ୍ରିୟା |
|---|---|
| ଶୁଣିବା | ଶ୍ରବଣକରିବା |
| ପାଳିବା | ପାଳନକରିବା |
| ଗଢ଼ିବା | ଗଠନକରିବା |
| ପଚାରିବା | ପ୍ରଶ୍ନକରିବା |
| ବରିବା | ବରଣକରିବା |
| ରାନ୍ଧିବା | ରନ୍ଧନକରିବା |
| ଶୋଇବା | ଶୟନକରିବା |
| ନାଚିବା | ନାଚକରିବା |
| ରାଗିବା | ରାଗକରିବା |
| ଜିଣିବା | ଜୟକରିବା |
| ପଡ଼ିବା | ପତିତହେବା |
| ମିଶିବା | ମିଶ୍ରିତହେବା |
| ଶୁଖିବା | ଶୁଷ୍କହେବା |
| ଉଠିବା | ଉତ୍ଥିତହେବା |
| ବାହାରିବା | ବହିର୍ଗତହେବା |
| ପୂରିବା | ପୂର୍ଣ୍ଣହେବା / ପୂରାହେବା |

## ଅନୁଶୀଳନୀ

[ ପ୍ରଥମେ ମୌଖିକ ଉତ୍ତର ଦିଅ ଓ ପରେ ଲେଖ ]

୧। ଦଶଟି ମିଶ୍ର କ୍ରିୟାର ଉଦାହରଣ ଦେଇ ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

୨। ତଳ କ୍ରିୟାଗୁଡ଼ିକର ମିଶ୍ର କ୍ରିୟା ରୂପ ପ୍ରଦାନ କର—ପଚାରୁଛି, ଧାଇଁଲା, ଦେଲା, ଆସିବେ, ଗଢ଼ୁଛି, ପଡ଼ିବ, କାନ୍ଦୁଥିଲା, ସାଧିତ, ବାନ୍ଧିବ, ବାହାରିଲା, ଉଠିଲା, ଭାଙ୍ଗିବ, ଜିଣିଲେ ।

---

# ୪. ଉକ୍ତି ପରିବର୍ତ୍ତନ

## ପ୍ରତ୍ୟକ୍ଷୋକ୍ତି ଓ ପରୋକ୍ଷୋକ୍ତି

୪.୧ ଗୋଟିଏ ବୁଢ଼ାର ପାଞ୍ଚୋଟି ପୁଅ ଥାଆନ୍ତି । ସେମାନଙ୍କ ମଧ୍ୟରେ ଭଲ ପଡ଼ୁ ନ ଥାଏ । ବୁଢ଼ା ଗୋଟିଏ ଉପାୟ ପାଞ୍ଚିଲା । ଗୋଟିଏ କାଠ ବିଡ଼ା ଆଣି ପୁଅମାନଙ୍କୁ ଡାକିଲା । ପ୍ରଥମେ ବଡ଼ ପୁଅକୁ ଡାକି କହିଲା, "ଏ ବାଡ଼ି ଗୋଛାଟିକୁ ଭାଙ୍ଗିଦେ ।" ବଡ଼ ପୁଅ ଭାଙ୍ଗିପାରିଲା ନାହିଁ । ବୁଢ଼ା ଦ୍ୱିତୀୟ ପୁଅକୁ କହିଲା, "ସେ ତ ଭାଙ୍ଗିପାରିଲା ନାହିଁ । ତୁ ଚେଷ୍ଟାକରି ଭାଙ୍ଗିଦେ ।" ଏହିପରି ଜଣ ଜଣ କରି ସମସ୍ତେ ଆସିଲେ । କିନ୍ତୁ କେହିହେଲେ ଭାଙ୍ଗିପାରିଲେ ନାହିଁ । ସମସ୍ତେ ମୁହଁ ଶୁଖାଇ କହିଲେ, "ଆମେ ଏହାକୁ ଭାଙ୍ଗିପାରିବୁ ନାହିଁ ।" ବୁଢ଼ା କହିଲା, "ସମସ୍ତେ ସେ କାଠ ଗୋଛାକୁ ଖୋଲି ଦିଅ । ଖଣ୍ଡେ ଖଣ୍ଡେ ବାଡ଼ି ହାତରେ ଧର ।" ପୁଅମାନେ ଖଣ୍ଡିଏ ଲେଖାଏଁ ବାଡ଼ି ଧରିଲେ । ବୁଢ଼ା କହିଲା, "ଏବେ ସେ ବାଡ଼ି ଖଣ୍ଡିକୁ ଭାଙ୍ଗିବାକୁ ଚେଷ୍ଟା କର ।" ସମସ୍ତେ ମଡ଼ ମଡ଼ କରି ଭାଙ୍ଗିଦେଲେ । ବୁଢ଼ା ପୁଅମାନଙ୍କୁ ବୁଝି କହିଲା, "ଦେଖିଲ, ବାଡ଼ିଗୁଡ଼ିକ ଏକାଠି ଥିଲାବେଳେ ଭାରି ଶକ୍ତ ଥିଲା । ତୁମ ଭିତରୁ କେହି ସେ ବାଡ଼ି ଗୋଛାକୁ ଭାଙ୍ଗିପାରିଲ ନାହିଁ । ସେହିପରି ତୁମ୍ଭେମାନେ ଏକାଠି ରୁହ, ଏକ ମନ ହୋଇ ଚଳ, ଏକତା ହିଁ ବଳ ।"

୪.୨ ଏ ଗପଟିକୁ ନିମ୍ନପ୍ରକାରେ ମଧ୍ୟ କୁହାଯାଇପାରେ ।

ଗୋଟିଏ ବୁଢ଼ାର ପାଞ୍ଚୋଟି ପୁଅ ଥିଲେ । ସେମାନଙ୍କ ଭିତରେ ଭଲ ପଡ଼ୁ ନ ଥାଏ । ବୁଢ଼ା ଗୋଟିଏ ଉପାୟ ପାଞ୍ଚିଲା । ଗୋଟିଏ କାଠ ବିଡ଼ା

ଆଣି ପୁଅମାନଙ୍କୁ ଡାକିଲା । ପ୍ରଥମେ ବଡ଼ ପୁଅକୁ ଡାକି ସେ ବାଡ଼ ଗୋଛାକୁ ଭାଙ୍ଗି ଦେବାକୁ କହିଲା । ବଡ଼ ପୁଅ ଭାଙ୍ଗିପାରିଲା ନାହିଁ । ବୁଢ଼ା ଦ୍ୱିତୀୟ ପୁଅକୁ କହିଲା ଯେ, ବଡ଼ ପୁଅ ତ ଭାଙ୍ଗିପାରିଲା ନାହିଁ; ସେ (ଦ୍ୱିତୀୟ ପୁଅ) ଚେଷ୍ଟାକରି ଭାଙ୍ଗି ଦେଉ । ଏହିପରି ଜଣ ଜଣ କରି ସମସ୍ତେ ଆସିଲେ । କିନ୍ତୁ କେହିହେଲେ ଭାଙ୍ଗିପାରିଲେ ନାହିଁ । ସମସ୍ତେ ମୁହଁ ଶୁଖାଇ ଭାଙ୍ଗିପାରିବେ ନାହିଁ ବୋଲି କହିଲେ । ତା'ପରେ ବୁଢ଼ା କାଠ ଗୋଛାଟିକୁ ଖୋଲି ଦେବାପାଇଁ ଓ ଖଣ୍ଡେ ଖଣ୍ଡେ ବାଡ଼ ହାତରେ ଧରିବା-ପାଇଁ ପୁଅମାନଙ୍କୁ କହିଲା । ପୁଅମାନେ ଖଣ୍ଡିଏ ଖଣ୍ଡିଏ ବାଡ଼ ହାତରେ ଧରିଲେ । ବୁଢ଼ା କହିଲା, ସେମାନେ ଏବେ ସେ ବାଡ଼ଖଣ୍ଡ ଭାଙ୍ଗିବାକୁ ଚେଷ୍ଟା କରନ୍ତୁ । ସମସ୍ତେ ମଡ଼ ମଡ଼ କରି ଭାଙ୍ଗିଦେଲେ । ବୁଢ଼ା ପୁଅମାନଙ୍କୁ ବୁଝାଇଁ କହିଲା ସେମାନେ ଜାଣିବା ଉଚିତ ଯେ ବାଡ଼ଗୁଡ଼ିକ ଏକାଠି ଥିଲାବେଳେ ଭାରି ଶକ୍ତ ଥିଲେ । କେହି ତାଙ୍କ ଭିତରୁ ତାକୁ ଭାଙ୍ଗିପାରିଲେ ନାହିଁ । ସେହିପରି ସେମାନେ ଏକାଠି ରହନ୍ତୁ । ଏକମନ ହୋଇ ଚଳନ୍ତୁ । କାରଣ ଏକତା ହିଁ ବଳ ।

୪.୩ ପ୍ରଥମ ପରିଚ୍ଛେଦରେ ବଡ଼ ଅକ୍ଷରରେ ଛପା ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର । ବୁଢ଼ା ଯାହା କହିଲା, ସେହି କଥାଗୁଡ଼ିକ ତା' ନିଜ ଭାଷାରେ ଅବିକଳ ପ୍ରକାଶ କରାଯାଇ ଉଦ୍ଧୃତି ଚିହ୍ନମଧ୍ୟରେ ରଖାଯାଇଛି । ସେହିପରି ପୁଅମାନେ ଯାହା କହିଲେ, ସେମାନଙ୍କର କଥା ବା ଉକ୍ତିଗୁଡ଼ିକ ମଧ୍ୟ ସେମାନଙ୍କର ଭାଷାରେ ଅବିକଳ ଏହିପରି କୁହାଯାଇଛି । ଜଣଙ୍କର ଅବିକଳ କଥାକୁ ପ୍ରତ୍ୟକ୍ଷ ଉକ୍ତି କୁହାଯାଏ ।

୪.୪ ମାତ୍ର ଦ୍ୱିତୀୟ ପରିଚ୍ଛେଦରେ ବୁଢ଼ା ଓ ତା' ପୁଅମାନଙ୍କର କଥା ଆଉ ଜଣେ ଅନ୍ୟ କାହାକୁ କହିଛନ୍ତି । ଏ ପ୍ରକାର ପ୍ରକାଶଧାରା ପରୋକ୍ଷ ଉକ୍ତି ନାମରେ ପରିଚିତ ଅର୍ଥାତ୍ ଜଣଙ୍କର କଥାକୁ ଅନ୍ୟ ଜଣେ କହିଲେ ତାହାକୁ ପରୋକ୍ଷୋକ୍ତି କୁହାଯାଏ ।

୪.୫ ବର୍ତ୍ତମାନ ନିମ୍ନ ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର ।

୧ । ରାଜା ତାଙ୍କ ନିକଟକୁ ଯାଇ କହିଲେ, "ଶେଷ ଥର ପାଇଁ ମୁଁ ମୋର ପ୍ରଶ୍ନଗୁଡ଼ିକର ଉତ୍ତର ଭିକ୍ଷା କରିବାକୁ ଆସିଛି ।"

୨ । ରାଜା କହିଲେ, "ମୁଁ ତୁମକୁ ଜାଣେ ନାହିଁ, ତୁମେ କି ଦୋଷ କରିଛ ଯେ ତୁମକୁ କ୍ଷମା କରିବି !"

ଉପରଲିଖିତ ବାକ୍ୟଦୁଇଟିରେ ରାଜାଙ୍କର ଉକ୍ତି ଅବିକଳ ତାଙ୍କରି ଭାଷାରେ ପ୍ରକାଶ ପାଇଛି । ଏଣୁ ଏହା ପ୍ରତ୍ୟକ୍ଷ ଉକ୍ତି । ମାତ୍ର ଏହି ବାକ୍ୟଦୁଇଟିକୁ ଅନ୍ୟ ଜଣେ କହିଲେ ତାହା ନିମ୍ନପ୍ରକାରେ କୁହାଯିବ ।

୧ । ରାଜା ତାଙ୍କ ନିକଟକୁ ଯାଇ, ଶେଷ ଥରପାଇଁ ସେ ନିଜର ପ୍ରଶ୍ନ-ଗୁଡ଼ିକର ଉତ୍ତର ଭିକ୍ଷା କରିବାକୁ ଆସିଛନ୍ତି ବୋଲି କହିଲେ ।

୨ । ରାଜା କହିଲେ ଯେ ସେ ତାଙ୍କୁ ଜାଣନ୍ତି ନାହିଁ । ସେ କି ଦୋଷ କରିଛନ୍ତି ଯେ ତାଙ୍କୁ କ୍ଷମା କରିବେ !

୪.୬ 'ପ୍ରଥମେ ଲେଖାଯାଇଥିବା 'ଏକତା ହିଁ ବଳ' ଗପ ଓ ଉପରେ ଦିଆଯାଇଥିବା ବାକ୍ୟଗୁଡ଼ିକ ଲକ୍ଷ୍ୟ କଲେ ଜାଣିପାରିବ ଯେ ପ୍ରତ୍ୟକ୍ଷ ଉକ୍ତିକୁ ପରୋକ୍ଷ ଉକ୍ତିରେ ପରିବର୍ତ୍ତନ କରିବା ସମୟରେ କେତେକ ଅଦଳ ବଦଳ ଦେଖାଯାଏ । ସେ ପରିବର୍ତ୍ତନରୁ କେତୋଟି ତଳେ ଦିଆଗଲା ।

୧ । ପ୍ରତ୍ୟକ୍ଷ ଉକ୍ତିରେ ବକ୍ତାଙ୍କ କଥିତ ଅଂଶକୁ ବା ଉଦ୍ଧୃତ ବାକ୍ୟକୁ ଉଦ୍ଧାର ଚିହ୍ନ ("ବକ୍ତାଙ୍କ କଥା") ମଧ୍ୟରେ ରଖିବାକୁ ହୁଏ ।

୨ । ଉଦ୍ଧୃତ ବାକ୍ୟର ପୂର୍ବରେ 'କମା' [ ଯଥା—ସେ କହିଲେ, (କମା) "ମୁଁ କଟକ ଯିବି ।" ] ଦିଆଯାଏ । ଏଠାରେ ବକ୍ତା ହେଉଛନ୍ତି ସେ । ତାଙ୍କ କଥିତ ଅଂଶ ବା ଉଦ୍ଧୃତ ବାକ୍ୟ ହେଉଛି, "ମୁଁ କଟକ ଯିବି ।" ଏହି କଥା କହିବା ପୂର୍ବରୁ 'କହିଲେ' କ୍ରିୟା ପାଖରେ ଗୋଟିଏ

‘କମା’ ଦିଆଯାଏ । ସ୍ଥଳବିଶେଷରେ ଉଦ୍ଧୃତ ବାକ୍ୟର ପୂର୍ବରେ ଡ୍ୟାସ୍ (—) ଦିଆଯାଏ । ମାତ୍ର ପରୋକ୍ଷ ଉକ୍ତିରେ ଏପରି କରାଯାଏ ନାହିଁ । ଯଥା—**ସେ କହିଲେ ଯେ ସେ କଟକ ଯିବେ ।** ଏହି ବାକ୍ୟରେ କମା ଓ ଉଦ୍ଧୃତି ଚିହ୍ନର ଲୋପ ଘଟିଛି ।

୩ । ପରୋକ୍ଷ ଉକ୍ତିରେ ସ୍ଥଳବିଶେଷରେ ‘ଯେ’, ‘ବୋଲି’ ପ୍ରଭୃତି ଅବ୍ୟୟର ବ୍ୟବହାର ହୁଏ । ତଳ ଉଦାହରଣଟିକୁ ପଢ଼ ।

ପ୍ରତ୍ୟକ୍ଷୋକ୍ତି—ସେ କହିଲେ, “ଆହା ! ଲୋକଟି ବିଚରା କେତେ କଷ୍ଟ ପାଉଛି ।”

ପରୋକ୍ଷୋକ୍ତି—ଲୋକଟି ବିଚରା ଅତ୍ୟନ୍ତ କଷ୍ଟ ପାଉଥିବ ବୋଲି କହି ସେ ଦୁଃଖ କଲେ ।

୪ । ବକ୍ତା ତୃତୀୟ ପୁରୁଷ ହୋଇଥିଲେ ତାଙ୍କ ଉକ୍ତିରେ ବ୍ୟବହୃତ ପ୍ରଥମ ପୁରୁଷ ପରୋକ୍ଷୋକ୍ତିରେ ତୃତୀୟ ପୁରୁଷ ହୁଏ । ଉଦାହରଣ—

‘ସେ କହିଲେ ଯେ ସେ କଟକ ଯିବେ’ରେ ଏହା ଦେଖାଇ ଦିଆଯାଇଛି । ଏଠାରେ ‘ମୁଁ’ ଏହି ପ୍ରଥମ ପୁରୁଷ ସ୍ଥାନରେ ‘ସେ’ ତୃତୀୟ ପୁରୁଷ ହୋଇଛି ।

୫ । କେତେକ ସ୍ଥାନରେ ପ୍ରଧାନ ବାକ୍ୟର କ୍ରିୟା ଅତୀତ କାଳରେ ଥିଲେ ପରୋକ୍ଷ ଉକ୍ତିର କ୍ରିୟା ମଧ୍ୟ ଅତୀତ କାଳ ହୁଏ । ମାତ୍ର କୌଣସି ‘ସତ୍ୟ’ ବା ‘ନିତ୍ୟ’ ଘଟଣା ସ୍ଥଳରେ ତାହା ହୁଏ ନାହିଁ । ତଳ ଉଦାହରଣଗୁଡ଼ିକୁ ଦେଖ—

(କ) ପ୍ରତ୍ୟକ୍ଷ ଉକ୍ତି—ସେ କହିଲେ, “ପିଲାଟି ବର୍ତ୍ତମାନ ଘରେ ଅଛି ।”

ପରୋକ୍ଷ ଉକ୍ତି—ସେ କହିଲେ, ପିଲାଟି ସେତେବେଳେ ଘରେ ଥିଲା ।
ଏଠାରେ ପ୍ରଧାନ ବାକ୍ୟ ହେଉଛି—‘ସେ କହିଲେ’ ‘ପିଲାଟି ବର୍ତ୍ତମାନ ଘରେ ଅଛି’ ଏକ ନିର୍ଭରଶୀଳ

ବାକ୍ୟ ଓ ବକ୍ତାଙ୍କ କଥିତ ଅଂଶ । ଏଥିରେ 'ଅଛୁ' ବର୍ତ୍ତମାନ କାଳର କ୍ରିୟା । ମାତ୍ର ଏହି 'ଅଛୁ' କ୍ରିୟା ଅତୀତ କାଳରେ 'ଥିଲୁ' ରୂପରେ ପରବର୍ତ୍ତିତ ହୋଇଛି ।

(ଖ) ସେ କହିଲେ, 'ପୁରୀ ଗୋଟିଏ ତୀର୍ଥ ସ୍ଥାନ ଅଟେ ।' ଏହା ପ୍ରତ୍ୟକ୍ଷୋକ୍ତି । ପୁରୀ ବାସ୍ତବିକ୍ ଏକ ତୀର୍ଥ ସ୍ଥାନ । ଏହା ନିତିଦିନିଆ ସତ୍ୟ ।

ଏଣୁ ଏହି ବାକ୍ୟକୁ ପରୋକ୍ଷୋକ୍ତିରେ ପ୍ରକାଶ କଲେ ଏହା ହେବ—

**ସେ କହିଲେ ଯେ ପୁରୀ ଗୋଟିଏ ତୀର୍ଥ ସ୍ଥାନ ଅଟେ ।**

ଏଠାରେ 'ଅଟେ' କ୍ରିୟା ପ୍ରତ୍ୟକ୍ଷୋକ୍ତିରେ ଯେପରି ଥିଲା, ପରୋକ୍ଷ ଉକ୍ତିରେ ମଧ୍ୟ ସେହିପରି ରହିଛି । କାରଣ ସତ୍ୟ ବା ନିତ୍ୟ ଘଟଣା ସ୍ଥାନରେ କ୍ରିୟାର ପରିବର୍ତ୍ତନ ଘଟେ ନାହିଁ ।

୭। ପ୍ରତ୍ୟକ୍ଷ ଉକ୍ତିରେ 'ଆଜି', 'ଆସନ୍ତାକାଲି', 'ଗତକାଲି', 'ଏଠାରେ' ପ୍ରଭୃତି ପରିବର୍ତ୍ତେ ପରୋକ୍ଷ ଉକ୍ତିରେ ଯଥାକ୍ରମେ 'ସେଦିନ', 'ପରଦିନ', 'ପୂର୍ବଦିନ', 'ସେଠାରେ' ପଦ ବ୍ୟବହୃତ ହୁଏ । ଯଥା—

ପ୍ରତ୍ୟକ୍ଷ—ଶିକ୍ଷକ କହିଲେ, "ମୁଁ ଆଜି ଏଠାରେ ତୁମକୁ ଖୋଜୁଥିଲି ।"

ପରୋକ୍ଷ—ଶିକ୍ଷକ କହିଲେ (ଯେ) ସେ ସେଦିନ ସେଠାରେ ମୋତେ ଖୋଜୁଥିଲେ ।

## (ଖ) ବିଭିନ୍ନ ପ୍ରକାର ବାକ୍ୟର ଉକ୍ତି ପରିବର୍ତ୍ତନ

୪.୭ ଆମେ ଯେତେ ବାକ୍ୟ କହୁଥାଉଁ ସବୁ ଏକପ୍ରକାର ନୁହେଁ । କଥା କହିବାର ଭଙ୍ଗୀରୁ ବାକ୍ୟଗୁଡ଼ିକର ପ୍ରକାରଭେଦ ଜଣାଯାଏ । ତଳଲିଖିତ ବାକ୍ୟଗୁଡ଼ିକୁ ଦେଖ ।

(କ) ବାପା କହିଲେ, "ଆକାଶ ସୁନ୍ଦର ।"

(ଖ) ବାପା କହିଲେ, "ଆକାଶ କ'ଣ ସୁନ୍ଦର ?"

(ଗ) ବାପା କହିଲେ, "ଆଃ ଆକାଶ କି ସୁନ୍ଦର !"

(ଘ) ବାପା କହିଲେ, "ଆକାଶ ଆହୁରି ସୁନ୍ଦର ହେଉ ।"

୪.୮ ବର୍ତ୍ତମାନ ଉପରଲିଖିତ ବାକ୍ୟଗୁଡ଼ିକୁ ଆଲୋଚନା କରିବା ।

(କ) ବାକ୍ୟଟିରେ ଆକାଶ ସୁନ୍ଦର ବୋଲି ଗୋଟିଏ 'ବିବରଣୀ' ବା 'ବିବୃତି' ଦିଆଯାଇଛି ।

(ଖ) 'ଆକାଶ କ'ଣ ସୁନ୍ଦର ?' ରେ ପ୍ରଶ୍ନ ପଚରାଯାଇଛି ।

(ଗ) ବିସ୍ମୟଭାବ ପ୍ରକାଶ ପାଇଛି ।

(ଘ) ମନର ଭାବନା ବା ଅନୁଜ୍ଞାଭାବ ପ୍ରକାଶିତ ।

୪.୯ ଏଣୁ ଭାଷାରେ ବ୍ୟବହୃତ ହେଉଥିବା ବାକ୍ୟଗୁଡ଼ିକୁ କଥା କହିବାର ଭଙ୍ଗୀ ଦୃଷ୍ଟିରୁ ଚାରି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା—(କ) ବିବୃତିସୂଚକ, (ଖ) ପ୍ରଶ୍ନସୂଚକ, (ଗ) ବିସ୍ମୟସୂଚକ, (ଘ) ଅନୁଜ୍ଞାସୂଚକ ।

ବାକ୍ୟର ପ୍ରକାରଭେଦ

ବିବୃତିସୂଚକ | ପ୍ରଶ୍ନସୂଚକ | ବିସ୍ମୟସୂଚକ | ଅନୁଜ୍ଞାସୂଚକ

ଏହି ଚାରି ପ୍ରକାର ବାକ୍ୟର ପ୍ରତ୍ୟକ୍ଷ ଉକ୍ତିଗୁଡ଼ିକ ଏକ ନିୟମରେ ବା ଏକ ପ୍ରକାରରେ ପରୋକ୍ଷ ଉକ୍ତିରେ ପରିବର୍ତ୍ତିତ ହୁଅନ୍ତି ନାହିଁ । ବର୍ତ୍ତମାନ ଏହି ଚାରି ପ୍ରକାର ବାକ୍ୟର ପ୍ରତ୍ୟକ୍ଷୋକ୍ତିଗୁଡ଼ିକରୁ କେତେକ ତଳେ ଦିଆଯାଇଛି ଓ ସେଗୁଡ଼ିକ ପରୋକ୍ଷୋକ୍ତିରେ ପ୍ରକାଶ ପାଇଲେ କି ପ୍ରକାର ରୂପ ଧରିବେ ତାହା ମଧ୍ୟ ଦେଖାଇ ଦିଆଯାଇଛି । ସେଗୁଡ଼ିକ ଭଲ କରି ଲକ୍ଷ୍ୟ କର ।

## ୪.୧୦ ବକ୍ତୃତାସୂଚକ ବାକ୍ୟର ଉକ୍ତି ପରିବର୍ତ୍ତନ

୧ । ପ୍ରତ୍ୟକ୍ଷୋକ୍ତି—ରାଜା କାର୍ଯ୍ୟ ବନ୍ଦକରି କୋଡ଼ିଟାକୁ ମାଟିରେ ରଖିଦେଇ କହିଲେ, "ମହାଭାଗ, ମୁଁ ଆପଣଙ୍କ ନିକଟକୁ ତିନୋଟି ପ୍ରଶ୍ନର ଉତ୍ତର ପାଇବା ଆଶାରେ ଆସିଥିଲି । ଯଦି ଆପଣ ଉତ୍ତର ଦେବାକୁ ଅକ୍ଷମ, ତାହା ହେଲେ କହନ୍ତୁ ମୁଁ ଘରକୁ ଫେରିଯିବି ।" ( ତିନୋଟି ପ୍ରଶ୍ନ )

ପରୋକ୍ଷୋକ୍ତି—ରାଜା କାର୍ଯ୍ୟ ବନ୍ଦକରି କୋଡ଼ିଟାକୁ ମାଟିରେ ରଖିଦେଇ ତାହାଙ୍କୁ ମହାଭାଗ ବୋଲି ସମ୍ବୋଧନ କରି କହିଲେ ଯେ ସେ ତାହାଙ୍କ ନିକଟକୁ ତିନୋଟି ପ୍ରଶ୍ନର ଉତ୍ତର ପାଇବା ଆଶାରେ ଆସିଥିଲେ । ଯଦି ସେ ଉତ୍ତର ଦେବାକୁ ଅକ୍ଷମ, ତା'ହେଲେ କହିଲେ ସେ ଘରକୁ ଫେରିଯିବେ ।

( ଏଠାରେ ପୂର୍ବ ନିୟମ ଅନୁସାରେ ପରିବର୍ତ୍ତନ ଘଟୁଥିବା ସ୍ଥାନଗୁଡ଼ିକୁ ଲକ୍ଷ୍ୟ କର । )

୨ । ପ୍ରତ୍ୟକ୍ଷୋକ୍ତି—ତା'ର ମାଆ ଆସି ଯେତେବେଳେ ତାକୁ ଛୁଇଁଲା, ସେ କହିଲା, "ମୁଁ ଅଜାତିଆ ମା', ମୋତେ ଛୁଇଁଲେ ଜାତି ଯିବ ।" ( ଜାତିର ଧକ୍‌କା )

ପରୋକ୍ଷୋକ୍ତି—ତା'ର ମାଆ ଆସି ଯେତେବେଳେ ତାକୁ ଛୁଇଁଲା ସେ ମା'କୁ କହିଲା ଯେ ସେ ଅଜାତିଆ । ତାକୁ ଛୁଇଁଲେ ଜାତି ଯିବ ।

୩ । ପ୍ରତ୍ୟକ୍ଷୋକ୍ତି—ଦରିଦ୍ର ବ୍ୟକ୍ତିଟି × × × ନିବେଦନ କଲା—"ମହାଭାଗ, ମୁଁ ଅତି ନିର୍ଦ୍ଧନ, ନିଃସ୍ୱ । କଠିନ ପରିଶ୍ରମ କଲେ ସୁଦ୍ଧା ମୋ ଭାଗ୍ୟରେ ପ୍ରତ୍ୟହ ଅନ୍ନମୁଠିଏ ଜୁଟୁ ନାହିଁ । × × × ଯଦି ତୁମର ମୂଲ୍ୟବାନ୍ ଦନ୍ତରୁ କିଛି ଅଂଶ ମୋତେ ଦାନ କରନ୍ତ, × × × ତୁମର ଗୁଣଗାନ କରି ଜୀବନଯାପନ କରନ୍ତି ।" (ଶୀଳବ ନାଗରାଜ)

ପରୋକ୍ଷୋକ୍ତି—ଦରିଦ୍ର ବ୍ୟକ୍ତିଟି ସମ୍ମାନର ସହ ନିବେଦନ କରି କହିଲା ଯେ ସେ ଅତି ନିର୍ଦ୍ଧନ, ନିଃସ୍ୱ । କଠିନ ପରିଶ୍ରମ କଲେ ସୁଦ୍ଧା ତା' ଭାଗ୍ୟରେ ପ୍ରତ୍ୟହ ଅନ୍ନମୁଠିଏ ଜୁଟୁ ନାହିଁ । ଯଦି ତାଙ୍କର ମୂଲ୍ୟବାନ୍ ଦାନରୁ କିଛି ଅଂଶ ତାକୁ ଦାନ କରନ୍ତେ × × × ତାଙ୍କର ଗୁଣଗାନ କରି ସେ ଜୀବନଯାପନ କରନ୍ତା ।

୪ । ପ୍ରତ୍ୟକ୍ଷୋକ୍ତି—ହଳଦୀବସନ୍ତ ବଗର ଏହି ଅପବାଦରେ ଭାରି ଦୁଃଖିତ ହେଲା । ତଥାପି ମଧୁର ଗଳାରେ କହିଲା, "ଦେଖ ଭାଇ ବଗ, ଆମେ ହେଲୁ ଶିଳ୍ପୀ । ସମଗ୍ର ବସୁଧା ଆମର ଜନ୍ମଭୂମି । ଆମେ କାହାକୁ ପର ଭାବୁ ନାହିଁ । ସମସ୍ତେ ଆମ ନିଜର ।" ( ବିହଙ୍ଗ ବିପ୍ଳବ )

ପରୋକ୍ଷୋକ୍ତି – ହଳଦୀବସନ୍ତ ବଗର ଏହି ଅପବାଦରେ ଭାରି ଦୁଃଖିତ ହେଲା । ତଥାପି ମଧୁର ଗଳାରେ ବଗକୁ ଭାଇ ବୋଲି ସମ୍ବୋଧନ କରି କହିଲା ଯେ ସେମାନେ ହେଲେ ଶିଳ୍ପୀ । ସମଗ୍ର ବସୁଧା ସେମାନଙ୍କର ଜନ୍ମଭୂମି । ଆଉ ମଧ୍ୟ ସେମାନେ କାହାକୁ ପର ଭାବନ୍ତି ନାହିଁ ଓ ସମସ୍ତେ ସେମାନଙ୍କ ନିଜର ।

### ୪.୧୧ ପ୍ରଶ୍ନସୂଚକ ବାକ୍ୟର ଉକ୍ତି ପରିବର୍ତ୍ତନ

୧ । ପ୍ରତ୍ୟକ୍ଷୋକ୍ତି—ଶ୍ରୀମ ତାଙ୍କୁ ପଚାରିଲେ, "ଏ ପୃଥିବୀରୁ ଦୁଃଖ ଓ ଅଜ୍ଞାନ ଯିବ କିପରି ? ଯିବ କେବେ ?" ( ସନ୍ଥକବି ଶ୍ରୀମ ଘୋଷ )

ପରୋକ୍ଷୋକ୍ତି—ଏ ପୃଥିବୀରୁ ଦୁଃଖ ଓ ଅଜ୍ଞାନ କିପରି ଯିବ ବୋଲି ଶ୍ରୀମ ତାଙ୍କୁ ପଚାରିଲେ ଓ କେବେ ଯିବ ବୋଲି ଆଉ ଥରେ ପଚାରିଲେ ।

୨ । ପ୍ରତ୍ୟକ୍ଷୋକ୍ତି—ରାଜା କହିଲେ, "ତୁମେ କି ଦୋଷ କରିଛ ଯେ ତୁମକୁ କ୍ଷମା କରିବି ?" ( ଛକୋଟି ପ୍ରଶ୍ନ )

ପରୋକ୍ଷୋକ୍ତି—ସେ କି ଦୋଷ କରିଛନ୍ତି ଯେ ତାଙ୍କୁ କ୍ଷମା କରିବେ ବୋଲି ରାଜା ପଚାରିଲେ ।

୩ । ପ୍ରତ୍ୟକ୍ଷୋକ୍ତି—ନାରସେନାର ଚେତା ହେଲା । ବାଟକରର ତା'ର ଚରପଶଚତ ସିନ୍ଦୂରବୋଳା ପଥର ଠାକୁରାଣୀଙ୍କୁ କୁଣ୍ଢାଇ ଡାକିଥିଲା, "କହ ମା', ମୋର କି ଜାତି ଗଲା ?" ( ଜାତିର ଧକ୍କା )

ପରୋକ୍ଷୋକ୍ତି—ନାରସେନାର ଚେତା ହେଲା । ବାଟକରର ତା'ର ଚରପଶଚତ ସିନ୍ଦୂରବୋଳା ପଥର ଠାକୁରାଣୀକୁ କୁଣ୍ଢାଇ ତାକୁ ମା' ବୋଲି ସମ୍ବୋଧନ କରି ତା'ର ଜାତି ଗଲା କି ବୋଲି ପଚାରିଲା ।

୪ । ପ୍ରତ୍ୟକ୍ଷୋକ୍ତି—ଦୁହିଁଙ୍କର ପ୍ରଥମ ସାକ୍ଷାତ ହେଲା । ଗ୍ରିଲିଙ୍କର ପ୍ରଥମ ପ୍ରଶ୍ନ ଥିଲା, "କଳକବ୍ଜା, ଯନ୍ତ୍ରପାତି ପ୍ରତି ଆପଣଙ୍କର ଅଭିରୁଚି କିପରି ?" ( ଗ୍ରିଲି ଗୃପଲନ୍ )

ପରୋକ୍ଷୋକ୍ତି—ଦୁହିଁଙ୍କର ପ୍ରଥମ ସାକ୍ଷାତ ହେଲା । କଳକବ୍ଜା, ଯନ୍ତ୍ରପାତି ପ୍ରତି ତାଙ୍କର ( ଗାନ୍ଧିଜୀଙ୍କର ) ଅଭିରୁଚି କିପରି ଥିଲା ବୋଲି ଗ୍ରିଲି ପ୍ରଥମ ପ୍ରଶ୍ନରେ ପଚାରିଲେ ।

୫ । ପ୍ରତ୍ୟକ୍ଷୋକ୍ତି—ଜେଜୀ କହିଲେ, "ପାଠ କ'ଣ ଲୋ ? ମାଇକିନିଆ ଝିଅଟା ପାଠ କ'ଣ ? ରନ୍ଧାବଢ଼ା ଶିଖ, ପିଠାପଣା କରି ଶିଖ, ଝୋଟିଦିଆ ଶିଖ, ଦହିମୁହାଁ ଶିଖ; ପାଠ କ'ଣ ?" ( ରେବତୀ )

ପରୋକ୍ଷୋକ୍ତି—ଜେଜୀ ପାଠପଢ଼ାରେ କ'ଣ ଦରକାର ବୋଲି ପଚାରିଲେ । ମାଇକିନିଆ ଝିଅଙ୍କ ପାଇଁ ପାଠର କ'ଣ ଦରକାର ।

ସେ (ରେବତୀ) ବରଂ ରନ୍ଧାବଢ଼ା ଶିଖୁ, ଝୋଟିଦିଆ ଶିଖୁ ଓ ଦହିମୁଢ଼ି ଶିଖୁ । ପାଠ କ'ଣ ଦରକାର ବୋଲି ସେ ବାରମ୍ବାର ପଚାରିଲେ ।

୭ । ପ୍ରତ୍ୟକ୍ଷୋକ୍ତି—ବଗ ବିଦ୍ରୂପ କରି କହିଲା, "ହେ ମୂର୍ଖ କଳା କାଉ, ଶିଳ୍ପୀମାନଙ୍କ ପାଇଁ ତୋର ହୃଦୟ କେବେଠାରୁ ଏତେ ବ୍ୟାକୁଳ ହେଲା ? ଏଇ ହଳଦୀବସନ୍ତ, କୋଇଲି × × × ମାନେ ହେଲେ ବିଦେଶୀ । ବର୍ଷଯାକ ଏମାନେ କେଉଁଠି ଥା'ନ୍ତି ? × × × ଏମାନଙ୍କର ଭଲା ଜନ୍ମଭୂମି ପ୍ରତି ମମତା ଅଛି ?" (ବିହଙ୍ଗ ବିପ୍ଳବ)

ପରୋକ୍ଷୋକ୍ତି—ବଗ ବିଦ୍ରୂପ କରି କଳା କାଉକୁ ମୂର୍ଖ ବୋଲି ସମ୍ବୋଧନ କରି ପଚାରିଲା ଯେ ତା'ର ହୃଦୟ କେବେଠାରୁ ଏତେ ବ୍ୟାକୁଳ । ସେ କହିଲା ଯେ ସେଇ ହଳଦୀବସନ୍ତ, କୋଇଲିମାନେ ହେଲେ ବିଦେଶୀ । ସେମାନେ ବର୍ଷଯାକ କେଉଁଠି ଥା'ନ୍ତି ବୋଲି ସେ ପୁଣି ପଚାରିଲା । ସେମାନଙ୍କର ଜନ୍ମଭୂମି ପ୍ରତି ମମତା ଅଛି କି ବୋଲି ସେ ପୁନରାୟ ବିଦ୍ରୂପ କରି ପଚାରିଲା ।

## ୪.୧୨ ଇଚ୍ଛାସୂଚକ ବାକ୍ୟର ଉକ୍ତି ପରିବର୍ତ୍ତନ

୧ । ପ୍ରତ୍ୟକ୍ଷୋକ୍ତି—ଶୀଳବ କହିଲେ, "ମୋର ଦେହର କିଛି ଅଂଶରେ ଯଦି ତୁମର ଦୁଃଖର ଅବସାନ ଘଟିବ, ତୁମର ମୁଖରେ ସୁନ୍ଦର ହାସ୍ୟରେଖା ଦେଖାଦେବ, ତେବେ ତାହାକୁ ତୁମ ସେବାରେ ନିୟୋଗ କରିବାଠୁ ବଳି ଆଉ କି ମହାନ୍ ପୁଣ୍ୟ ହୋଇପାରେ !" (ଶୀଳବ ନାଗରାଜ)

ପରୋକ୍ଷୋକ୍ତି—ଶୀଳବ ଦୟାପରବଶ ହୋଇ ତା'ର ଦୁଃଖର ମାତ୍ରା କମେଇବାକୁ ଇଚ୍ଛା କରି କହିଲେ ଯେ ତାଙ୍କର ଦେହର

କିଛି ଅଂଶରେ ଯଦି ତାଙ୍କର ( ଆଗନ୍ତୁକଙ୍କର ) ଦୁଃଖର ଅବସାନ ଘଟିବ, ତାଙ୍କର ମୁଖରେ ସୁନ୍ଦର ହାସ୍ୟରେଖା ଦେଖାଦେବ, ତେବେ ତାହାଙ୍କୁ ତାଙ୍କ ସେବାରେ ନିଯୋଗ କରିବାଠୁ ବଳି ଆଉ କି ମହାନ୍ ପୁଣ୍ୟ ଥାଇପାରେ ।

୨ । ପ୍ରତ୍ୟକ୍ଷୋକ୍ତି—ଶୀଳବ ସ୍ପଷ୍ଟ ଅନୁମାନ କଲେ, "ଆହା ! ଲୋକଟି ଲୋଭଗ୍ରସ୍ତ ହୋଇଛି । ଧନର ମୋହରେ ଅନ୍ଧ ହୋଇଛି ।" ( ଶୀଳବ ନାଗରାଜ )

ପରୋକ୍ଷୋକ୍ତି—ଶୀଳବ ସ୍ପଷ୍ଟ ଅନୁମାନ କରି ଦୁଃଖ ପ୍ରକାଶ କରି କହିଲେ ଯେ ଲୋକଟି ଲୋଭଗ୍ରସ୍ତ ହୋଇଛି ଓ ଧନର ମୋହରେ ଅନ୍ଧ ହୋଇଛି ।

୩ । ପ୍ରତ୍ୟକ୍ଷୋକ୍ତି—ବୋଧିସତ୍ତ୍ୱ ଶୀଳବ—"ହାୟ ! ନିର୍ବୋଧ ଲୋକଟିର ଅନ୍ତିମ ମୁହୂର୍ତ୍ତରେ ତିଳେମାତ୍ର ଉପକାର କରିପାରିଲି ନାହିଁ ! ମୁଁ × × × ହାୟ !" ( ଶୀଳବ ନାଗରାଜ )

ପରୋକ୍ଷୋକ୍ତି—ବୋଧିସତ୍ତ୍ୱ ଶୀଳବ ଦୁଃଖ ପ୍ରକାଶ କରି କହିଲେ ଯେ ସେ ନିର୍ବୋଧ ଲୋକଟିର ଅନ୍ତିମ ମୁହୂର୍ତ୍ତରେ ତିଳେମାତ୍ର ଉପକାର କରିପାରିଲେ ନାହିଁ । ସେ ଅତିଶୟ ଦୁଃଖିତ ହେଲେ ।

୪ । ପ୍ରତ୍ୟକ୍ଷୋକ୍ତି—ବୁଢ଼ୀ କାନ୍ଦି କାନ୍ଦି × × × ଶେଷରେ ଉଠି କହିଲା, "ଆହା ବାପା, ବିଦେଶକୁ ଆସି ଆପଣା ବୁଦ୍ଧିରେ ପ୍ରାଣ ହରେଇଲୁରେ !"

ପରୋକ୍ଷୋକ୍ତି—ବୁଢ଼ୀ କାନ୍ଦି କାନ୍ଦି ଶେଷରେ ଦୁଃଖରେ ଭାଙ୍ଗିପଡ଼ି ପୁତ୍ର ସ୍ନେହରେ ତାକୁ ( ବାସୁଦେବକୁ ) ବାପା ବୋଲି ସମ୍ବୋଧନ କରି କହିଲା ଯେ ବିଦେଶକୁ ଆସି ଆପଣା ବୁଦ୍ଧିରେ ସେ ପ୍ରାଣ ହରାଇଲା ।

## ୪.୧୩ ଅନୁଜ୍ଞାସୂଚକ ବାକ୍ୟର ଉକ୍ତି ପରିବର୍ତ୍ତନ

୧ । ପ୍ରତ୍ୟକ୍ଷୋକ୍ତି—ଭୀମ × × × ସମସ୍ତଙ୍କୁ ଆକୁଳ ନିବେଦନ କରିଛନ୍ତି, "ଭାଇମାନେ, କେହି କାହାକୁ ହିଂସା କର ନାହିଁ, କାହା ପ୍ରତି ଅବିଚାର କର ନାହିଁ । ସବୁ ମଣିଷ ସମାନ । ସମସ୍ତଙ୍କୁ ଭଲ ପାଅ ।"

( ସନ୍ଥକବି ଭୀମ ଭୋଇ )

ପରୋକ୍ଷୋକ୍ତି—ଭୀମ ସମସ୍ତଙ୍କୁ ଭାଇ ବୋଲି ସମ୍ବୋଧନ କରି ଆକୁଳ ନିବେଦନ କରିଛନ୍ତି ଯେ କେହି କାହାକୁ ହିଂସା ନ କରନ୍ତୁ । କାହା ପ୍ରତି ଅବିଚାର ନ କରନ୍ତୁ । ସବୁ ମଣିଷ ସମାନ ଅଟନ୍ତି । ଏଣୁ ସମସ୍ତେ ସମସ୍ତଙ୍କୁ ଭଲ ପାଆନ୍ତୁ ।

୨ । ପ୍ରତ୍ୟକ୍ଷୋକ୍ତି—ଗୁରୁ ଶିଷ୍ୟକୁ କହିଲେ, "ତୁମର ମଙ୍ଗଳ ହେଉ ।"

ପରୋକ୍ଷୋକ୍ତି—ଗୁରୁ ଶିଷ୍ୟର ମଙ୍ଗଳ କାମନା କଲେ ।

୩ । ପ୍ରତ୍ୟକ୍ଷୋକ୍ତି—ସନ୍ନ୍ୟାସୀ କହିଲେ, "ମନେରଖ, ବର୍ତ୍ତମାନ ସମୟ ହିଁ ସର୍ବାପେକ୍ଷା ମୂଲ୍ୟବାନ୍, କାରଣ ଏହି ସମୟ ଉପରେ ହିଁ ଆମ୍ଭମାନଙ୍କର ଯାହା କିଛି ଅଧିକାର ଅଛି, ଅତୀତ କିମ୍ବା ଭବିଷ୍ୟତ ଉପରେ ମନୁଷ୍ୟର କୌଣସି ଅଧିକାର ନାହିଁ ।" ( ତିନୋଟି ପ୍ରଶ୍ନ )

ପରୋକ୍ଷୋକ୍ତି—ସନ୍ନ୍ୟାସୀ ଉପଦେଶ ଦେଇ ମନେରଖିବାକୁ କହିଲେ ଯେ ବର୍ତ୍ତମାନ ସମୟ ହିଁ ସର୍ବାପେକ୍ଷା ମୂଲ୍ୟବାନ୍ । କାରଣ ଏହି ସମୟ ଉପରେ ହିଁ ମନୁଷ୍ୟମାନଙ୍କର ( ଆମ୍ଭମାନଙ୍କର ) ଯାହା କିଛି ଅଧିକାର ଅଛି । ସେ ପୁଣି କହିଲେ ଯେ ଅତୀତ କିମ୍ବା ଭବିଷ୍ୟତ ଉପରେ ମନୁଷ୍ୟର କୌଣସି ଅଧିକାର ନାହିଁ ।

୪ । ପ୍ରତ୍ୟକ୍ଷୋକ୍ତି—ଶୀଳବ ଉଦାର ଆନନ୍ଦରେ କହିଲେ, "ନିଅ, ମୋ ଦନ୍ତର ଅବଶିଷ୍ଟାଂଶ ନେଇ ସୁଖୀ ହୁଅ, ସ୍ୱଚ୍ଛଳ ହୁଅ ।"

ପରୋକ୍ଷୋକ୍ତି—ଶୀଳବ ଉଦାର ଆନନ୍ଦରେ ତାଙ୍କ ନିଜ ଦନ୍ତର ଅବଶିଷ୍ଟାଂଶ ନେଇ ସୁଖୀ ଓ ସ୍ୱଚ୍ଛଳ ହେବାକୁ କହିଲେ ।

## ଅନୁଶୀଳନୀ

[ ପ୍ରଥମେ କହ ଓ ପରେ ଲେଖି ଉତ୍ତର ଦିଅ ]

୧ । ନିମ୍ନଲିଖିତ ଗଦ୍ୟାଂଶଗୁଡ଼ିକରେ ଥିବା ପ୍ରତ୍ୟକ୍ଷ ଉକ୍ତିଗୁଡ଼ିକୁ ପରୋକ୍ଷ ଉକ୍ତିରେ ପରିଣତ କର ।

(କ) ପୁରୁଷ ହଳଦୀବସନ୍ତ କହିଲା, "କ'ଣ ଆଉ କରିବୁଁ କହ ? ତାକୁ ଯେତେ ନେହୁରା ହୋଇ କହିଲୁ, ସେ କ'ଣ ଶୁଣୁଛି ? ଆମେ ହେଲୁ ଗାୟକ ଜାତି । ବସନ୍ତ ଋତୁରେ ଗୀତ ବୋଲିବା ଆମ କାମ । ଆମେ ତ ଆଉ ତୁମ ଭଳି ଲଢ଼ୁଆ ଜାତି ନୋହୁ !"

(ଖ) କାଉ ବିଚଳିତ ହୋଇ କହିଲା, "× × ମହାରାଜ ! ହଳଦୀବସନ୍ତର ଦୋଷ କ'ଣ ?" ରାଜା କହିଲେ, "ଆରେ ନିର୍ବୋଧ କାକ ! ବାନର ବଳବାନ୍ ଜୀବ । ପୁନଶ୍ଚ ସେ ଶାଖାମୃଗ ଅଟେ । ତା'ର ପ୍ରକୃତି, ସେ ଗଛଡାଳରେ ଡେଇଁବାଇ ଡେଇଁବ ।" କାଉ କହିଲା, "ସେ ଗଛଡାଳରେ ଡେଇଁପାରେ । ମାତ୍ର ଡେଇଁ କରି ସେ ହଳଦୀବସନ୍ତର ବସା ଭାଙ୍ଗିବ କାହିଁକି ?"

(ଗ) ହରି ଡାଳଟା ହାତରେ ଧରି ଗୁଡ଼ପାଖ ଦେଖି କହିଲା, "କାହିଁ, ନାହିଁ, ମୋ ଘରେ ଗୁଡ଼ଳ ନାହିଁ; ଆଉ ଏହି କଣା ଡାଳଟା ରଖି କିଏ ଗୁଡ଼ଳ ଦେବ ?" ଗୁଡ଼ଳ ନ ଥିବାର ଶୁଣି ବୁଢ଼ୀ ମୁଣ୍ଡରେ ବଜ୍ର ପଡ଼ିଲା । "କ'ଣ କରିବି; ଝିଅଟା ଜରରୁ ଉଠିଛି; ତା'

ମୁହଁରେ କ'ଣ ଦେବ ?" ତାଳଟି ଧରି ଉଠୁଛି, ହରି କହିଲା, "ଦିଅ, ଦିଅ, ତାଳଟା ଦିଅ । ଦେଖେଁ ଘରେ କ'ଣ ଅଛି ।"

(ଘ) ରାଜା ସନ୍ନ୍ୟାସୀଙ୍କ ନିକଟକୁ ଯାଇ କହିଲେ, "ମହାଭାଗ, ମୁଁ ତିନୋଟି ପ୍ରଶ୍ନର ଉତ୍ତର ପାଇବା ଆଶାରେ ଆପଣଙ୍କ ନିକଟକୁ ଆସିଅଛି । ମୁଁ କିପରି ପ୍ରତ୍ୟେକ କାର୍ଯ୍ୟ ଉପଯୁକ୍ତ ସମୟରେ କରିପାରିବି ? କେଉଁ ବ୍ୟକ୍ତିମାନେ ମୋ ପକ୍ଷରେ ବିଶେଷ ପ୍ରୟୋଜନୀୟ ଓ ଅନ୍ୟମାନଙ୍କଠାରୁ ଅଧିକ ଆଦରର ପାତ୍ର ଏବଂ କେଉଁ କାର୍ଯ୍ୟ ସର୍ବୋତ୍ତମ ଓ ପ୍ରଥମେ କରଣୀୟ ?"

୨ । ନିମ୍ନଲିଖିତ ଗଦ୍ୟାଂଶଗୁଡ଼ିକୁ ପ୍ରତ୍ୟକ୍ଷ ଉକ୍ତିରେ ପରିଣତ କର ।

(କ) ଈଶ୍ୱରଙ୍କ ସୃଷ୍ଟିରେ ସମସ୍ତେ ସମାନ ବୋଲି ଶିକ୍ଷକ କହିଲେ ।

(ଖ) ବୁଢ଼ୀ ଦୁଃଖ ପ୍ରକାଶକରି କହିଲା ଯେ ତାହା କପାଳରେ ଶେଷରେ ତାହା ହିଁ ଥିଲା ।

(ଗ) ତାଙ୍କର ପରୀକ୍ଷା ସରିଲାଣି କି ବୋଲି ମୁଁ ତାଙ୍କୁ ପଚାରିଲି ।

(ଘ) ଗରିବ ଲୋକଟି ମୋତେ କହିଲା ଯେ ସେ ପାଣିଟୋପାଏ ପିଇବାକୁ ପାଇଲା ନାହିଁ । ମୁଁ ଦୟାକରି ତାକୁ ପାଣି ଦେଇ ବଞ୍ଚାଇଲି । ସେ ଈଶ୍ୱରଙ୍କ ନିକଟରେ ମୋର ମଙ୍ଗଳ ପ୍ରାର୍ଥନା କଲା ।

(ଙ) ସେ ମୋତେ ତାଙ୍କ ସଙ୍ଗରେ ଦେଖାକରିବାକୁ ଅନୁରୋଧ କରିଥିଲେ ।

୩ । ତୁମ ମନରୁ ୫ଟି ପ୍ରଶ୍ନସୂଚକ ଓ ୫ଟି ବିସ୍ମୟସୂଚକ ପ୍ରତ୍ୟକ୍ଷ ଉକ୍ତି ଥିବା ବାକ୍ୟ ଲେଖ ।

୪ । ପ୍ରତ୍ୟକ୍ଷ ଉକ୍ତି ପରୋକ୍ଷ ଉକ୍ତିରେ ପରିବର୍ତ୍ତିତ ହେଲାବେଳେ ସାଧାରଣତଃ କି କି ପରିବର୍ତ୍ତନ ଘଟେ ?

୫ । ପ୍ରତ୍ୟକ୍ଷ ଓ ପରୋକ୍ଷ ଉକ୍ତି ବିଷୟରେ ବୁଝାଅ ।

# ୫. ବାକ୍ୟର ରୂପାନ୍ତର

୫.୧ ଆମେ କଥା କହିଲାବେଳେ କିମ୍ବା ଲେଖିଲାବେଳେ ସମୟେ ସମୟେ ଗୋଟିଏ କଥାକୁ ଅଳ୍ପକରେ କହୁ, ପୁଣି ସେଇ ବିଷୟକୁ ବେଳେ ବେଳେ ବୁଲେଇ ବୁଲେଇ କହୁ । ଏପରି କହିବାର ପ୍ରାୟ ଅଧିକାଂଶ ସ୍ଥାନରେ ଦେଖାଯାଏ । ଉଦାହରଣସ୍ୱରୂପ—

୧ । **'ଗୋପବନ୍ଧୁ ଜଣେ ପରୋପକାରୀ ବ୍ୟକ୍ତି ଥିଲେ'** କହିବା ଯାହା

୨ । **'ଗୋପବନ୍ଧୁ ଜଣେ ଏପରି ବ୍ୟକ୍ତି ଥିଲେ ଯେ କି ପରର ଉପକାର କରୁଥିଲେ'** କହିବା ତାହା ମାତ୍ର ପ୍ରଥମ ବାକ୍ୟଟିର ଆକାର କ୍ଷୁଦ୍ର ଅଥଚ ସେଇ କଥା ବୁଝାଉଥିବା ଦ୍ୱିତୀୟ ବାକ୍ୟ ଦୀର୍ଘ ।

ଲକ୍ଷ୍ୟ କଲେ ଜାଣିପାରିବ ପ୍ରଥମ ବାକ୍ୟରେ ମାତ୍ର ଗୋଟିଏ ସମାପିକା କ୍ରିୟା ଓ ଗୋଟିଏ କର୍ତ୍ତା; କିନ୍ତୁ ଦ୍ୱିତୀୟ ବାକ୍ୟ ସେଇ ଏକା ଅର୍ଥ ବୁଝାଉଥିଲେ ମଧ୍ୟ ଏହା ଏକ ଦୀର୍ଘ ବାକ୍ୟ ଓ ଏଥିରେ ଦୁଇଟି କର୍ତ୍ତା (ଗୋପବନ୍ଧୁ ଓ ଯେ) ଓ ଦୁଇଟି ସମାପିକା କ୍ରିୟା ('ଥିଲେ', 'କରୁଥିଲେ') ଅଛି । ପୁଣି ଏହି ଦ୍ୱିତୀୟ ବାକ୍ୟରେ ଦୁଇଟି ଛୋଟ ଛୋଟ ବାକ୍ୟ ଅଛି । ପ୍ରଥମଟି ହେଲା—

(କ) ଗୋପବନ୍ଧୁ ଜଣେ ଏପରି ବ୍ୟକ୍ତି ଥିଲେ ।

(ଖ) ଯେ କି ପରର ଉପକାର କରୁଥିଲେ ।

ଦ୍ୱିତୀୟ ବାକ୍ୟର 'ଖ' ବାକ୍ୟଟି ନିଜେ ସ୍ୱତନ୍ତ୍ର ଅର୍ଥ ପ୍ରକାଶ ନ କରି 'କ' ବାକ୍ୟ ଉପରେ ନିର୍ଭର କରୁଛି । ଏଣୁ 'ଖ' ବାକ୍ୟଟି ନିର୍ଭରଶୀଳ । କିନ୍ତୁ 'କ' ବାକ୍ୟଟି ନିଜେ ନିଜେ ଅର୍ଥ ପ୍ରକାଶ କରୁଛି, କାହା ଉପରେ

ନିର୍ଭର କରୁ ନାହିଁ । ଏହିପରି ଗୋଟିଏ ଗୋଟିଏ ବଡ଼ ବାକ୍ୟରେ ଦୁଇ ବା ତହିଁରୁ ଅଧିକ ଛୋଟ ଛୋଟ ବାକ୍ୟ ଥାଆନ୍ତି । ଏମାନଙ୍କ ଭିତରୁ କେତେକ ମୁଖ୍ୟ ଓ ଆଉ କେତେକ ନିର୍ଭରଶୀଳ ।

'ଗୋପବନ୍ଧୁ ଜଣେ ଏପରି ବ୍ୟକ୍ତି ଥିଲେ ଯେ କି ପରର ଉପକାର କରୁଥିଲେ ।'—ଏହି ମୂଳ ବାକ୍ୟଟି ଗୋଟିଏ ଜଟିଳ ବାକ୍ୟ କିନ୍ତୁ 'ଗୋପବନ୍ଧୁ ଜଣେ ପରୋପକାରୀ ବ୍ୟକ୍ତି ଥିଲେ'—ଏହି ବାକ୍ୟଟିରେ ଗୋଟିଏ ସମାପିକା କ୍ରିୟା ଥିବାରୁ ଏହା ସରଳ ବାକ୍ୟ । ଏହି ସରଳ ଓ ଜଟିଳ ବାକ୍ୟ ସମ୍ବନ୍ଧରେ ତୁମେ ପୂର୍ବରୁ ପଢ଼ିସାରିଛ । ଏହାଛଡ଼ା ଯୌଗିକ ବାକ୍ୟକୁ ମିଶାଇଲେ ବାକ୍ୟସବୁ ଗଠନ ଦୃଷ୍ଟିରୁ ତିନି ଭାଗରେ ବିଭକ୍ତ ବୋଲି ତୁମେ ଜାଣିଛ ।

୫.୨ ମଣିଷମାନେ ନିଜ ନିଜର ରୂପ, ବେଶଭୂଷା ବଦଳାଇଲା ପରି ବାକ୍ୟମାନେ ମଧ୍ୟ ନିଜ ନିଜର ରୂପ ବଦଳାଇଥା'ନ୍ତି । କୌଣସି ବ୍ୟକ୍ତି ଯେତେ ନୂଆ କମ୍ବା ବୈଚିତ୍ର୍ୟପୂର୍ଣ୍ଣ ପୋଷାକ ପିନ୍ଧିଲେ ମଧ୍ୟ ମୂଳ ବ୍ୟକ୍ତି କିନ୍ତୁ ସେଇ ଜଣେ । ତାହାର ବାହାରେ କେବଳ ଯାହା ପରିବର୍ତ୍ତନ ହୋଇଥାଏ, ଠିକ୍ ବାକ୍ୟରେ ମଧ୍ୟ ସେହିପରି ଘଟେ । କିନ୍ତୁ ବାକ୍ୟ ନିଜ ନିଜର ସୌନ୍ଦର୍ଯ୍ୟ ଓ ଆବଶ୍ୟକତା ଦୃଷ୍ଟିରୁ ଅନ୍ୟ ରୂପରେ ପ୍ରକାଶ ପାଆନ୍ତି । ଏହାକୁ କୁହାଯାଏ **ବାକ୍ୟର ରୂପାନ୍ତର ।**

ପୂର୍ବରୁ ଦିଆଯାଇଥିବା ଉଦାହରଣ ସେହିପରି ଗୋଟିଏ ବାକ୍ୟର (୧ମର) ରୂପାନ୍ତର ମାତ୍ର । ଏହିପରି ଭାବରେ ବହୁ ସରଳ ବାକ୍ୟ ଜଟିଳରେ ଓ ଯୌଗିକରେ ପରିଣତ ହୋଇପାରନ୍ତି ଏବଂ ଜଟିଳ ଓ ଯୌଗିକ ବାକ୍ୟ ମଧ୍ୟ 'ସରଳ' ବାକ୍ୟରେ ପରିଣତ ହୋଇପାରନ୍ତି । ମାତ୍ର ଯେତେ ରୂପ ବଦଳିଲେ ମଧ୍ୟ ସେମାନଙ୍କର ମୂଳଭାବ ଗୋଟିଏ । ବର୍ତ୍ତମାନ ସେହିପରି କେତେଗୁଡ଼ିଏ ବିଭିନ୍ନ ବାକ୍ୟ ଏବଂ ସେଗୁଡ଼ିକର ରୂପାନ୍ତର ତଳେ ଦେଖାଇ ଦିଆଯାଉଛି ।

## (ଙ) ସରଳ ବାକ୍ୟର ଜଟିଳ ବାକ୍ୟରେ ପରିବର୍ତ୍ତନ

ଉ.ଦା—୧ । ସରଳ—ନିଜର ସହଜାତ ପ୍ରତିଭା ଓ ଅପୂର୍ବ ସାଧନା ବଳରେ ସେ ପରେ ପୂଜ୍ୟ ହୋଇଥିଲେ ଆମର ସନ୍ଥକବି ଭାବରେ ।
( ସନ୍ଥକବି ଭୀମ ଭୋଇ )

ଜଟିଳ—ନିଜର ସହଜାତ ପ୍ରତିଭା ଓ ଅପୂର୍ବ ସାଧନା ବଳରେ ଯେ ପରେ ଲୋକପୂଜ୍ୟ ହୋଇଥିଲେ, ସେ ହେଉଛନ୍ତି ଆମର ସନ୍ଥକବି ।

ଏଠାରେ ଲକ୍ଷ୍ୟ କଲେ ଜାଣିପାରିବା ପ୍ରଥମ ବାକ୍ୟରେ ମାତ୍ର ଗୋଟିଏ ସମାପିକା କ୍ରିୟା ( ହୋଇଥିଲେ ) ଓ ଗୋଟିଏ କର୍ତ୍ତା ( ସେ ) କିନ୍ତୁ ଦ୍ୱିତୀୟ ବାକ୍ୟରେ **'ସେ ହେଉଛନ୍ତି ଆମର ସନ୍ଥକବି'** ବାକ୍ୟଟି ସ୍ୱାଧୀନ ଉପବାକ୍ୟ, କିନ୍ତୁ ବାକ୍ୟର ପୂର୍ବ ଅଂଶ 'ନିଜର ସହଜାତ **ପ୍ରତିଭା ଓ ଅପୂର୍ବ ସାଧନା ବଳରେ ଯେ ପରେ ଲୋକପୂଜ୍ୟ ହୋଇଥିଲେ'** ଖଣ୍ଡବାକ୍ୟଟି ଦ୍ୱିତୀୟ ସ୍ୱାଧୀନ ଖଣ୍ଡବାକ୍ୟ ( ମୁଖ୍ୟ ବାକ୍ୟ ) 'ସେ ହେଉଛନ୍ତି ଆମର ସନ୍ଥକବି' ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ।

୨ । ସରଳ—ଦେବ ମନ୍ଦିରରେ ସମସ୍ତଙ୍କର ସମାନ ପ୍ରବେଶାଧିକାର ଅଛି ।
ଜଟିଳ—ଦେବ ମନ୍ଦିର ଗୋଟିଏ ଏପରି ସ୍ଥାନ ( ଅଟେ ) ଯେଉଁଠାରେ କି ସମସ୍ତଙ୍କର ସମାନ ପ୍ରବେଶାଧିକାର ଅଛି ।

୩ । ସରଳ—ସନ୍ନ୍ୟାସୀ ଅତି ଦୁର୍ବଳ ଥିବାରୁ ଥରକୁଥର କୋଡ଼ରେ କିଛି ମାଟି ଖୋଳି ଦୀର୍ଘ ନିଃଶ୍ୱାସ ପକାଇ ଥକାମାରି ବସି ପଡ଼ୁଥିଲେ ।
( ଛଣୋଟି ପ୍ରଶ୍ନ )

ଜଟିଳ—ଯେହେତୁ ସନ୍ନ୍ୟାସୀ ଅତି ଦୁର୍ବଳ ଥିଲେ, ତେଣୁ ଥରକୁଥର କୋଡ଼ରେ ମାଟି ଖୋଳି ଦୀର୍ଘ ନିଃଶ୍ୱାସ ପକାଇ ଥକାମାରି ବସି ପଡ଼ୁଥିଲେ ।

ଏଠାରେ ପ୍ରଥମ ବାକ୍ୟରେ ତିନୋଟି ଅସମାପିକା କ୍ରିୟା ( ଖୋଜି, ପକାଇ, ମାରି ) ଥିଲେ ମଧ୍ୟ ଗୋଟିଏ ମାତ୍ର ସମାପିକା କ୍ରିୟା ( ବସି ପଢ଼ୁଥିଲେ ) ଥିବାରୁ ତାହା ସରଳ ବାକ୍ୟ । ତୁମେ ଏ ସମ୍ବନ୍ଧରେ ପୂର୍ବରୁ ପଢ଼ିଥିବା ବିଷୟ ମନେ ପକାଅ ।

୪। ସରଳ—ଅନ୍ଧମାନଙ୍କ ପାଇଁ ବ୍ୟବହୃତ ଲିଖନ ପ୍ରଣାଳୀକୁ 'ବ୍ରେଲ' କୁହାଯାଏ । ( ଅନ୍ଧ, ମୂକ ଓ ବଧିର )

ଜଟିଳ—ଅନ୍ଧମାନଙ୍କ ପାଇଁ ଯେଉଁ ଲିଖନ ପ୍ରଣାଳୀ ବ୍ୟବହୃତ ହେଉଛି ତାହାକୁ 'ବ୍ରେଲ' କୁହାଯାଏ ।

୫। ସରଳ—ଏ ଯୁଗର ଜଣେ ମହୀୟସୀ ମହିଳା ହେଲେନ୍ କେଲରଙ୍କ ନାମ ବିଶ୍ୱବିଶ୍ରୁତ । ( ଅନ୍ଧ, ମୂକ ଓ ବଧିର )

ଜଟିଳ—ଏ ଯୁଗର ଜଣେ ମହୀୟସୀ ମହିଳା ଯେ କି ବିଶ୍ୱର ସବୁଠାରେ ପରିଚିତ, ତାଙ୍କ ନାମ ହେଉଛି ହେଲେନ୍ କେଲର୍ ।

୬। ସରଳ—ଆମ ଦେଶରେ ମଧ୍ୟ 'ହେଲେନ୍ କେଲର୍ ଟ୍ରଷ୍ଟ' ନାମରେ ଗୋଟିଏ ସଂସ୍ଥା ଅଛି ।

ଜଟିଳ—ଆମ ଦେଶରେ ମଧ୍ୟ ଗୋଟିଏ ସଂସ୍ଥା ଅଛି ଯାହା 'ହେଲେନ୍ କେଲର୍ ଟ୍ରଷ୍ଟ' ନାମରେ ପରିଚିତ ( ଅଟେ ) ।

୭। ସରଳ—ବ୍ୟଭିଚାରୀ ଶିକ୍ଷକ ପିଲାଙ୍କୁ ବୁଝାଇ ସଂଯମ ଶିଖାଇପାରିବ ? ( ଆତ୍ମିକ ଶିକ୍ଷା )

ଜଟିଳ—ଯେଉଁ ଶିକ୍ଷକ ନିଜେ ବ୍ୟଭିଚାରୀ ( ଅଟେ ) ସେ ପିଲାଙ୍କୁ କ'ଣ ସଂଯମ ଶିଖାଇପାରିବ ?

୮। ସରଳ—ବୁଢ଼ାମାନଙ୍କର ପକ୍ଷରେ ସାକ୍ଷୀ ଦେବାକୁ ଆସିଛନ୍ତି ପାଣ୍ଡମାଙ୍କର ଓ ଶାଳଆପରନ । ( ବଡଙ୍ଗ ବସ୍ତ୍ରବ )

ଜଟିଳ—ବୁଢ଼ାମାଙ୍କର ପକ୍ଷରେ ଯେଉଁମାନେ ସାକ୍ଷୀ ଦେବାକୁ ଆସିଛନ୍ତି ସେମାନେ ହେଲେ ପାତ୍ରମାଙ୍କଡ଼ ଓ ଶାଳଆପଚନ ।

୫.୪ ତୁମେ ଏହା ପୂର୍ବରୁ ଯୌଗିକ ବାକ୍ୟ ସମ୍ବନ୍ଧରେ ମଧ୍ୟ ପଢ଼ିଛ, ତଥାପି ତୁମ ପୂର୍ବପଠିତ ପାଠର ପୁନରାଲୋଚନା ନିମନ୍ତେ ନିମ୍ନ ବାକ୍ୟଦୁଇଟି ଦିଆଗଲା ।

(କ) ମୁଁ ପୁରୀ ଗଲି କିନ୍ତୁ ସେ କଟକ ଗଲା ।
(ଖ) ସେ ଭାତ ଖାଇଲେ ନାହିଁ କି ଫଳମୂଳ ଖାଇଲେ ନାହିଁ ।

ଉପରଲିଖିତ ଦୁଇଟି ବାକ୍ୟକୁ ଲକ୍ଷ୍ୟ କଲେ ଜାଣିପାରିବ ପ୍ରଥମ ବାକ୍ୟ 'କ'ରେ ୨ଟି ଛୋଟ ଛୋଟ ସରଳ ବାକ୍ୟ ଅଛି ଅର୍ଥାତ୍ ଦୁଇଟି କର୍ତ୍ତା ଓ ଦୁଇଟି ସମାପିକା କ୍ରିୟା ଅଛି ଏବଂ ଏହି ସରଳ ବାକ୍ୟଦୁଇଟି— 'ମୁଁ ପୁରୀ ଗଲି', 'ସେ କଟକ ଗଲା' 'କିନ୍ତୁ' ଏହି ଅବ୍ୟୟ ଦ୍ୱାରା ଯୁକ୍ତ ହୋଇଅଛି । ଠିକ୍ ସେହିପରି ଦ୍ୱିତୀୟ ବାକ୍ୟରେ ମଧ୍ୟ ଦୁଇଟି ସରଳ ବାକ୍ୟ ଅଛି ଅର୍ଥାତ୍ ଦୁଇଟି କର୍ତ୍ତା ଓ ଦୁଇଟି ସମାପିକା କ୍ରିୟା ଅଛି ଏବଂ ଏହି ସରଳ ବାକ୍ୟଦୁଇଟି—

ସେ ଭାତ ଖାଇଲେ ନାହିଁ ।
(ସେ) ଫଳମୂଳ ଖାଇଲେ ନାହିଁ ।

'କି' ଏହି ଅବ୍ୟୟ ଦ୍ୱାରା ଯୁକ୍ତ ହୋଇଅଛି । ଏହି 'କ' ଓ 'ଖ' ବାକ୍ୟଦୁଇଟି ଯୌଗିକ ବାକ୍ୟ ।

କେତେକ ସ୍ଥାନରେ ସରଳ ବାକ୍ୟ ମଧ୍ୟ ଯୌଗିକ ବାକ୍ୟରେ ପରିଣତ ହୁଏ । ତଳ ବାକ୍ୟଟିକୁ ଲକ୍ଷ୍ୟ କର ।

ବର୍ଷାସତ୍ତ୍ୱେ ସେ ସ୍କୁଲକୁ ଗଲା ।

ଏହା ଗୋଟିଏ ସରଳ ବାକ୍ୟ । କାରଣ ଏଥିରେ ଗୋଟିଏ କର୍ତ୍ତା ଓ ଗୋଟିଏ ମାତ୍ର ସମାପିକା କ୍ରିୟା । ମାତ୍ର ଆମେ ମଧ୍ୟ ଲେଖୁଁ—ବର୍ଷା ହେଲା, ତଥାପି ସେ ସ୍କୁଲକୁ ଗଲା ।

ଏଠାରେ ପୂର୍ବ ଉଦାହରଣ ପରି ଦୁଇଟି ସରଳ ବାକ୍ୟ—'ବର୍ଷା ହେଲା' ଏବଂ 'ସେ ସ୍କୁଲକୁ ଗଲା' ତଥାପି ଦ୍ୱାରା ଯୁକ୍ତ ହୋଇଛି । ଏଣୁ ଏହା ଗୋଟିଏ ଯୌଗିକ ବାକ୍ୟ ।

ତୁମ ପଠିତ ବହିରେ ଏହିପରି ବହୁ ସରଳ ବାକ୍ୟ ରହିଛି ଯେଉଁଗୁଡ଼ିକ କ ଯୌଗିକରେ ପରିଣତ ହୋଇପାରିବ । ତଳେ ସେହିଭଳି କେତୋଟିର ଉଦାହରଣ ଦିଆଯାଉଅଛି ।

## (ଖ) ସରଳ ବାକ୍ୟର ଯୌଗିକ ବାକ୍ୟରେ ପରିବର୍ତ୍ତନ

୫.୫—୧ । ସରଳ—ରାଜା ସେ କ୍ଷତଟିକୁ ପରିଷ୍କାର କରି ଧୋଇଦେଇ ନିଜର ରୁମାଲ୍ ଏବଂ ସନ୍ନ୍ୟାସୀଙ୍କ ଗାମୁଛାରେ ତାହାକୁ ଉତ୍ତମରୂପେ ବାନ୍ଧି ଦେଲେ । ( ତିନୋଟି ପ୍ରଶ୍ନ )

ଯୌଗିକ—ରାଜା ସେ କ୍ଷତଟିକୁ ପରିଷ୍କାର କରି ଧୋଇଦେଲେ ଓ ନିଜର ରୁମାଲ୍ ଏବଂ ସନ୍ନ୍ୟାସୀଙ୍କ ଗାମୁଛାରେ ତାହାକୁ ଉତ୍ତମରୂପେ ବାନ୍ଧି ଦେଲେ ।

୨ । ସରଳ—ଅନେକ ଭଲ ଭଲ ବହି ଏହି ବ୍ରେଲ ଅକ୍ଷରରେ ଛପାହୋଇ ଅନ୍ଧମାନଙ୍କ ପଢ଼ିବା ପାଇଁ ସେମାନଙ୍କ ପୁସ୍ତକାଗାରରେ ରଖାଯାଇଛି । ( ଅନ୍ଧ, ମୂକ ଓ ବଧିର )

ଯୌଗିକ—ଅନେକ ଭଲ ଭଲ ବହି ବ୍ରେଲ ଅକ୍ଷରରେ ଛପା ହୋଇଛି ଏବଂ ଅନ୍ଧମାନଙ୍କ ପଢ଼ିବା ପାଇଁ ସେମାନଙ୍କ ପୁସ୍ତକାଗାରରେ ରଖାଯାଇଛି ।

୩ । ସରଳ—ପ୍ରତି ରାତ୍ରିର ଶେଷ ଯାମରେ ସ୍ୱାମୀ ଶଯ୍ୟା ତ୍ୟାଗକରି ସ୍ନାନ ଶୌଚ ହୋଇ ମୁଠାଏ ତୋରାଣି ପିଅନ୍ତି ।

ଯୌଗିକ—ପ୍ରତି ରାତ୍ରିର ଶେଷ ଯାମରେ ସ୍ୱାମୀ ଶଯ୍ୟା ତ୍ୟାଗ କରନ୍ତି ଓ ସ୍ନାନ ଶୌଚ ହୁଅନ୍ତି ଏବଂ ମୁଠାଏ ତୋରାଣି ପିଅନ୍ତି ।

୪ । ସରଳ—ଅନେକ ଜଣ ବ୍ୟକ୍ତି ରାଜାଙ୍କ ଦରବାରକୁ ଆସି ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କଲେ ।
( ତିନୋଟି ପ୍ରଶ୍ନ )

ଯୌଗିକ—ଅନେକ ଜଣ ବ୍ୟକ୍ତି ରାଜାଙ୍କ ଦରବାରକୁ ଆସିଲେ ଓ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କଲେ ।

୫ । ସରଳ—ତେଣୁ ରଜା ଅତି ସାଧାରଣ ପୋଷାକ ପରିଧାନପୂର୍ବକ ଅଶ୍ୱପୃଷ୍ଠରେ ଆରୋହଣ କରି ଆଶ୍ରମ ଅଭିମୁଖରେ ଯାତ୍ରା କଲେ ।
( ତିନୋଟି ପ୍ରଶ୍ନ )

ଯୌଗିକ—ତେଣୁ ରଜା ଅତି ସାଧାରଣ ପୋଷାକ ପରିଧାନ କଲେ ଓ ଅଶ୍ୱପୃଷ୍ଠରେ ଆରୋହଣ କରି ଆଶ୍ରମ ଅଭିମୁଖରେ ଯାତ୍ରା କଲେ ।

୬ । ସରଳ—ସେଠାରେ ପାଣି ବର୍ତ୍ତମାନ ଭଞ୍ଜଭୂମି ଗଞ୍ଜାମରେ ଅମୃତ-ଧାରରୂପେ ଗ୍ରାମ ବନ ପ୍ରାନ୍ତରରେ ସୁନାର ଫୁଲ ଫୁଟାଇ ଦେଲାଣି ।
( ଜାତିର ଧକ୍‌କା )

ଯୌଗିକ—ସେଠାରେ ପାଣି ବର୍ତ୍ତମାନ ଭଞ୍ଜଭୂମି ଗଞ୍ଜାମରେ ଅମୃତ-ଧାରରୂପେ ବହିଲାଣି ଓ ଗ୍ରାମ ବନ ପ୍ରାନ୍ତରରେ ସୁନାର ଫୁଲ ଫୁଟାଇ ଦେଲାଣି ।

## (ଗ) ଜଟିଳ ବାକ୍ୟର ସରଳ ବାକ୍ୟରେ ପରିବର୍ତ୍ତନ

ଜଟିଳ ବାକ୍ୟଗୁଡ଼ିକ ମଧ୍ୟ ସରଳ ବାକ୍ୟରେ ପରିଣତ କରାଯାଇପାରେ । ନିମ୍ନରେ ଏହି ପ୍ରକାର କେତୋଟିର ଉଦାହରଣ ତୁମ ପଠିତ ପୁସ୍ତକରୁ ଦିଆଯାଉଛି ।

୫.୬-୧ । ଜଟିଳ—ସହରର କେଉଁ ରାସ୍ତାରେ ସେ ଯାଉଛନ୍ତି, ତାହା ନିଜର ଅଦ୍ଭୁତ ଘ୍ରାଣଶକ୍ତି ବଳରେ ସେ କହିଦେଇ-ପାରୁଥିଲେ ।
( ଅନ୍ଧ, ମୂକ ଓ ବଧିର )

ସରଳ—ସଙ୍କଟରେ ପଡ଼ିଥିବା ଯେକୌଣସି ଗସ୍ତାର ନାମ ସେ ନଜର
ଅଦ୍ଭୁତ ଘ୍ରାଣଶକ୍ତି ବଳରେ କହିଦେଇପାରୁଥିଲେ ।

୨ । ଜଟିଳ—ଆମ ସମସ୍ତଙ୍କ ହୃଦୟ ଭିତରେ ଯେଉଁ ସଦ୍‌ବୁଦ୍ଧି ନିହିତ
ଅଛି; ତାକୁ ହିଁ ଜାଗ୍ରତ କରିବା ହେଲା ଯଥାର୍ଥ ଉପାସନା ।
( ସନ୍ତକବ ଖ୍ରାମ ଘୋଇ )

ସରଳ—ଆମ ହୃଦୟ ଭିତରେ ଥିବା ସଦ୍‌ବୁଦ୍ଧିକୁ ଜାଗ୍ରତ କରିବା
ହେଲା ଯଥାର୍ଥ ଉପାସନା ।

୩ । ଜଟିଳ—ଏହି ସମୟରେ ସେ ଦେଖିଲେ, ସେହି ଶୁଣ୍ଡ୍ରୁଧାରୀ ଲୋକଟି
ତାଙ୍କ ଆଡ଼କୁ ଏକ ଦୃଷ୍ଟିରେ ଚାହିଁ ରହିଛି ।
( ଡିନୋଟି ପ୍ରଶ୍ନ )

ସରଳ—ଏହି ସମୟରେ ସେହି ଶୁଣ୍ଡ୍ରୁଧାରୀ ଲୋକଟି ତାଙ୍କ ଆଡ଼କୁ
ଏକ ଦୃଷ୍ଟିରେ ଚାହିଁ ରହିଥିବାର ସେ ଦେଖିଲେ ।

୪ । ଜଟିଳ—ମଣିଷକୁ ଅସ୍ପୃଶ୍ୟ ବୋଲି ଯିଏ ଭାବେ ସେ ନିଜେ ଅମଣିଷ ।
( ସନ୍ତକବ ଖ୍ରାମ ଘୋଇ )

ସରଳ—ମଣିଷକୁ ଅସ୍ପୃଶ୍ୟ ବୋଲି ଭାବୁଥିବା ଲୋକ ହିଁ ନିଜେ ଅମଣିଷ ।

## (ଘ) ଜଟିଳ ବାକ୍ୟର ଯୌଗିକ ବାକ୍ୟରେ ପରିବର୍ତ୍ତନ

ଓ.ବ-୧ । ଜଟିଳ—ଯଦି ଆପଣ ଉତ୍ତର ଦେବାକୁ ଅକ୍ଷମ × × ×
ତାହାହେଲେ ମୁଁ ଘରକୁ ଫେରିଯିବି । ( ଡିନୋଟି ପ୍ରଶ୍ନ )

ଯୌଗିକ—ଆପଣ ଉତ୍ତର ଦେବାକୁ ଅକ୍ଷମ ଏଣୁ ମୁଁ ଘରକୁ
ଫେରିଯିବି ।

୨ । ଜଟିଳ—ଯଦି ତୁମେ ଏକାଗ୍ର ଚିତ୍ତରେ ଈଶ୍ୱରଙ୍କୁ ପ୍ରାର୍ଥନା କର,
ତେବେ ସେ ତୁମର ଡାକ ଶୁଣିବେ ।

ଯୌଗିକ—ଏକାଗ୍ର ଚିତ୍ତରେ ଈଶ୍ୱରଙ୍କୁ ପ୍ରାର୍ଥନା କର ଏବଂ ସେ
ନିଶ୍ଚୟ ତୁମର ଡାକ ଶୁଣିବେ ।

୩। ଜଟିଳ—ଯେତେବେଳେ ରାତ୍ରି ଆସିଲା, ସେତେବେଳେ ତାରାମାନେ ଆକାଶରେ ଦେଖାଗଲେ ।

ଯୌଗିକ—ରାତ୍ରି ଆସିଲା ଏବଂ ତାରାମାନେ ଆକାଶରେ ଦେଖାଗଲେ ।

୪। ଜଟିଳ—ଯଦି ରାମ ଯିବ ଭଲ ନଚେତ୍ ଗୋପାଳ ଯାଉ ।

ଯୌଗିକ—ରାମ ଯାଉ କିମ୍ବା ଗୋପାଳ ଯାଉ ।

୫। ଜଟିଳ—ଆତ୍ମଜ୍ଞାନ ଯେ କେବଳ ମନୁଷ୍ୟର ଚତୁର୍ଥାବସ୍ଥାରେ ମିଳେ, ଏ କୁସଂସ୍କାର ମୁଁ ଶୁଣିଥାଏ । ( ଆତ୍ମିକ ଶିକ୍ଷା )

ଯୌଗିକ—ଆତ୍ମଜ୍ଞାନ କେବଳ ଚତୁର୍ଥାବସ୍ଥାରେ ମିଳେ ଏବଂ ଏ କୁସଂସ୍କାର ମୁଁ ଶୁଣିଥାଏ ।

୬। ଜଟିଳ—ଯେତେବେଳେ ସେ ଆପଣା ଦୁଆରମୁହଁରେ ଲେମ୍ବୁଗଛ, ପଥର ପାହାଚସବୁ ଚିହ୍ନି ପାରିଲା, ଧୀରେ ଧୀରେ ପାଦଗଳ ପିଣ୍ଡାରେ ଯାଇ ବସିଲା । ( ଜାତିର ଧକ୍କା )

ଯୌଗିକ—ସେ ଆପଣା ଦୁଆର ମୁହଁରେ ଲେମ୍ବୁଗଛ, ପଥର ପାହାଚ ସବୁ ଚିହ୍ନି ପାରିଲା ଏବଂ ଧୀରେ ଧୀରେ ପାଦଗଳ ପିଣ୍ଡାରେ ଯାଇ ବସିଲା ।

## (ଙ) ଯୌଗିକ ବାକ୍ୟର ସରଳ ବାକ୍ୟରେ ପରିବର୍ତ୍ତନ

୫.୮-୧। ଯୌଗିକ—ରାତ୍ରି ଆସିଲା ଏବଂ ତାରାମାନେ ଆକାଶରେ ଦେଖାଗଲେ ।

ସରଳ—ରାତ୍ରି ଆସିବାରୁ ତାରାମାନେ ଆକାଶରେ ଦେଖାଗଲେ ।

୨। ଯୌଗିକ—ସେମାନେ କୃଷି କରୁଛନ୍ତି, ଜାଲ ବୁଣୁଛନ୍ତି, ଲୁଗା ବୁଣୁଛନ୍ତି, କଳକାରଖାନାରେ ମଧ୍ୟ ନିର୍ଦ୍ଦିଷ୍ଟ କାର୍ଯ୍ୟ ତୁଲାଇ ପାରୁଛନ୍ତି । ( ଅନ୍ଧ, ମୂକ ଓ ବଧିର )

ସରଳ— ସେମାନେ କୃଷିକାର୍ଯ୍ୟ, ଜାଲ ଓ ଲୁଗା ବୁଣିବା ସହ ଉଚ୍ଚ-
କାରଖାନାରେ ମଧ୍ୟ ନିର୍ଦ୍ଦିଷ୍ଟ କାର୍ଯ୍ୟ ତୁଲାଇ ପାରୁଛନ୍ତି ।

୩ । ଯୌଗିକ—ଗ୍ରାମରୁ ବହାର୍ ହୋଇ ଖ୍ରୀମ ଅରଣ୍ୟକୁ ପଳାଇ ଗଲେ
ଓ ସେଠାରେ ଗୋଟିଏ ଆଶ୍ରମ ସ୍ଥାପନ କରି ସାଧନାରେ
ରତ ହେଲେ । ( ସନ୍ଥକବି ଖ୍ରୀମ ଭୋଇ )

ସରଳ— ଗ୍ରାମରୁ ବହାର୍ ହୋଇ, ଅରଣ୍ୟକୁ ପଳାଇ ସେଠାରେ
ଗୋଟିଏ ଆଶ୍ରମ ସ୍ଥାପନ କରି ଖ୍ରୀମ ସାଧନାରେ ରତ ହେଲେ ।

୪ । ଯୌଗିକ—ସନ୍ନ୍ୟାସୀ ରଜାଙ୍କ ପ୍ରଶ୍ନଗୁଡ଼ିକ ମନ ଦେଇ ଶୁଣିଲେ, କିନ୍ତୁ
କିଛି କହିଲେ ନାହିଁ । ( ତିନୋଟି ପ୍ରଶ୍ନ )

ସରଳ—ସନ୍ନ୍ୟାସୀ ରଜାଙ୍କ ପ୍ରଶ୍ନଗୁଡ଼ିକ ମନ ଦେଇ ଶୁଣି ମଧ୍ୟ କିଛି
କହିଲେ ନାହିଁ ।

## (ଚ) ଯୌଗିକ ବାକ୍ୟର ଜଟିଳ ବାକ୍ୟରେ ପରିବର୍ତ୍ତନ

୫.୯-୧ । ଯୌଗିକ— ମୁଁ ଆପଣଙ୍କ ପ୍ରାଣନାଶ କରିବାକୁ ଇଚ୍ଛା କରିଥିଲି
କିନ୍ତୁ ଆପଣ ମୋର ପ୍ରାଣରକ୍ଷା କଲେ ।
( ତିନୋଟି ପ୍ରଶ୍ନ )

ଜଟିଳ— ଯଦିଓ ମୁଁ ଆପଣଙ୍କ ପ୍ରାଣନାଶ କରିବାକୁ ଇଚ୍ଛା
କରିଥିଲି ତଥାପି ଆପଣ ମୋର ପ୍ରାଣରକ୍ଷା କଲେ ।

୨ । ଯୌଗିକ— ସମୟ ଆସିଲା, ପରାକ୍ରମଶାଳୀ ଶୀଳବ ନାଗରାଜ ସେ
ଅରଣ୍ୟର ସମସ୍ତ ହସ୍ତୀଙ୍କୁ ଏକତ୍ର କରି ସେମାନଙ୍କର
ଦଳପତି ହେଲେ । ( ଶୀଳବ ନାଗରାଜ )

ଜଟିଳ— ଯେତେବେଳେ ସମୟ ଆସିଲା, ପରାକ୍ରମଶାଳୀ ଶୀଳବ
ନାଗରାଜ ସେ ଅରଣ୍ୟର ସମସ୍ତ ହସ୍ତୀଙ୍କୁ ଏକତ୍ର କରି
ସେମାନଙ୍କର ଦଳପତି ହେଲେ ।

୩ । ଯୌଗିକ—ଆପୋଲୋ-୧୧ ନିରୂପିତ ସମୟରେ ପୃଥିବୀପୃଷ୍ଠରୁ ଯାତ୍ରା କରି ମହାକାଶରେ ଚନ୍ଦ୍ର ପରିକ୍ରମା କଲା, ଦୁଇ ଜଣ ଯାତ୍ରୀଙ୍କୁ ଚନ୍ଦ୍ରରେ ଅବତରଣ କରାଇ ପୁନଶ୍ଚ ଲେଉଟାଇ ଆଣିଲା ।

( କମ୍ପୁଟର ମହାଶୟ )

ଜଟିଳ— ଯେଉଁ ଆପୋଲୋ-୧୧ ନିରୂପିତ ସମୟରେ ପୃଥିବୀପୃଷ୍ଠରୁ ଯାତ୍ରାକରି ମହାକାଶରେ ଚନ୍ଦ୍ର ପରିକ୍ରମା କଲା ସେଇ ପୁଣି ଦୁଇ ଜଣ ଯାତ୍ରୀଙ୍କୁ ଚନ୍ଦ୍ରରେ ଅବତରଣ କରାଇ ପୁନଶ୍ଚ ଲେଉଟାଇ ଆଣିଲା ।

୪ । ଯୌଗିକ— କଜଳପାତି ପକ୍ଷୀ ସମାଜର ମଧ୍ୟସ୍ଥର କାମ କରେ, ଭଲଲୋକ କରି କଳିକଜିଆ ମେଣ୍ଟାଇଦିଏ ।

( ବିହଙ୍ଗ ବିପ୍ଳବ )

ଜଟିଳ— କଜଳପାତି ପକ୍ଷୀ ସମାଜରେ ଯେପରି ମଧ୍ୟସ୍ଥର କାମ କରେ ସେହିପରି ଭଲଲୋକ କରି କଳିକଜିଆ ମେଣ୍ଟାଇଦିଏ ।

୫.୧୦ କେତେକ ସରଳ ବାକ୍ୟ ଜଟିଳ ଓ ଯୌଗିକରେ ଓ ଜଟିଳ ବାକ୍ୟ ସରଳ ଓ ଯୌଗିକରେ ମଧ୍ୟ ପରିଣତ ହୋଇପାରନ୍ତି । ତଳେ ଅଳ୍ପ କେତୋଟିର ମାତ୍ର ଉଦାହରଣ ଦିଆଯାଉଅଛି ।

୧ । ସରଳ— ସେ ଜଣେ କଷ୍ଟସହିଷ୍ଣୁ ବାଳକ ହିସାବରେ ଜଣାଶୁଣା ଅଟନ୍ତି ।

ଜଟିଳ— ସେ ବାଳକ ଯେ କଷ୍ଟ ସହନ୍ତି ଏହା ସମସ୍ତଙ୍କୁ ଜଣା ।

ଯୌଗିକ— ସେ ବାଳକ କଷ୍ଟ ସହନ୍ତି ଓ ଏହା ସବୁଠି ଜଣାଶୁଣା ।

୨ । ସରଳ— ନାରସେନାର ପଥରବୁହା ମୁଣ୍ଡ ଭିତରେ ଏ କଥାଗୁଡ଼ାକ ସହଜରେ ପ୍ରବେଶ କଲା ନାହିଁ ।

ଜଟିଳ— ଯେଉଁ ନାରସେନାର ପଥରବୁହା ମୁଣ୍ଡ ତା' ଭିତରେ ମଧ୍ୟ ଏ କଥାଗୁଡ଼ାକ ସହଜରେ ପ୍ରବେଶ କଲା ନାହିଁ ।

ଯୌଗିକ— ନାରସେନାର ପଥରବୁଦ୍ଧା ମୁଣ୍ଡ ତଥାପି ଏ କଥାଗୁଡ଼ିକ ସହଜରେ ( ସେ ମୁଣ୍ଡରେ ) ପ୍ରବେଶ କଲା ନାହିଁ ।

୩ । ସରଳ— ଆନାଲେଗ୍ କମ୍ପ୍ୟୁଟର ନାମରେ ଆଉ ଏକ ପ୍ରକାର କମ୍ପ୍ୟୁଟର ମହାଶୟମାନେ ସୃଷ୍ଟି ହୋଇଛନ୍ତି ।

ଜଟିଳ— ଆଉ ଏକ ପ୍ରକାର କମ୍ପ୍ୟୁଟର ମହାଶୟମାନେ ସୃଷ୍ଟି ହୋଇଛନ୍ତି ଯେଉଁମାନଙ୍କୁ କୁହାଯାଉଛି "ଆନାଲେଗ୍ କମ୍ପ୍ୟୁଟର" ।

ଯୌଗିକ— ଆଉ ଏକ ପ୍ରକାର କମ୍ପ୍ୟୁଟର ମହାଶୟମାନେ ସୃଷ୍ଟି ହୋଇଛନ୍ତି ଏବଂ ସେମାନଙ୍କୁ କୁହାଯାଉଛି ଆନାଲେଗ୍ କମ୍ପ୍ୟୁଟର ।

## ଅନୁଶୀଳନୀ

୧ । ନିମ୍ନଲିଖିତ ସରଳ ବାକ୍ୟଗୁଡ଼ିକୁ ଜଟିଳ ବାକ୍ୟରେ ପରିଣତ କର ।

(କ) ଦେଶ, କାଳ ଓ ପାତ୍ରର ସୀମାକୁ ଅତିକ୍ରମ କରି କ୍ରିକେଟ୍ ଖେଳ ଆଜି ପ୍ରସାର ଲାଭ କରୁଛି ।

(ଖ) କ୍ରିକେଟ୍ ଖେଳରେ ଅଧିନାୟକତ୍ୱର ଦାୟିତ୍ୱ ଖୁବ୍ ବେଶି ।

(ଗ) ରେବତୀ ସଞ୍ଜବେଳେ ବାପ ପାଖରେ ବସି ପ୍ରତିଦିନ ପଠିତ ପୁରୁଣା ଭଜନଗୁଡ଼ିକ ବାପୁକୁ ଶୁଣାଏ ।

(ଘ) ମୁଁ ତୁମକୁ ନିରାପଦ ସ୍ଥାନକୁ ନେଇଯିବି ।

(ଙ) ପୂର୍ବକାଳରେ ବୋଧିସତ୍ତ୍ୱ ହିମାଳୟ ପ୍ରଦେଶର ଗୋଟିଏ ନିବିଡ଼ ଅରଣ୍ୟରେ ହସ୍ତୀରୂପରେ ଜନ୍ମଗ୍ରହଣ କରିଥିଲେ ।

(ଚ) ଦଳପତିଙ୍କୁ ସାଧାରଣତଃ ବହୁ ଦାୟିତ୍ୱ ବହନ କରିବାକୁ ପଡ଼େ ।

(ଛ) କୁଆମାନଙ୍କର ଥଣ୍ଟର ଆଘାତରେ ବୁଢ଼ା ମାଙ୍କଡ଼ ଖଣ୍ଡିଆଖାବରା ହୋଇଗଲା ।

(ଜ) ବାନର ବଳବାନ ଜୀବ ।

୨। ନିମ୍ନଲିଖିତ ସରଳ ବାକ୍ୟଗୁଡ଼ିକୁ ଯୌଗିକରେ ପରିଣତ କର ।

(କ) ବୁଢ଼ୀ କୁଚ୍ଛେଇ କୁଚ୍ଛେଇ ଯାଇ ଦୁଆର ଫିଟେଇ ଦେଲା ।

(ଖ) ବାସହୀନ ଫୁଲଟିକୁ ହାତରେ ଛୁଇଁଦେଇ ସେ ଫୁଲଟିର ନାମ କହିଦେଇପାରୁଥିଲେ ।

(ଗ) ମାଙ୍କଡ଼ ମହାନନ୍ଦରେ ରଜାଙ୍କୁ ସଲାମ ଠୁକି ଡେଇଁ ଡେଇଁ ଦରବାର ତ୍ୟାଗ କଲା ।

(ଘ) ଚଢ଼େଇମାନେ ନିରାଶ ହୋଇ ନିରୁପାୟଭାବେ ଦଳବାନ୍ଧି ମାଳବଟରେ ରହିଲେ ।

(ଙ) ବାଡ଼ିରେ ଶାଗମାଗଛଡ଼ା ସଜନା ଦୁଇ ଗଛ ।

୩। 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ସଂଯୋଗକରି 'ଗ' ସ୍ତମ୍ଭରେ ବାକ୍ୟର ନାମ ( ସରଳ, ଜଟିଳ ବା ଯୌଗିକ ) ଲେଖ ।

| କ | ଖ | ଗ |
|---|---|---|
| ୧। ଜର | ବାପା, ଖରାରେ ବୁଲନ୍ତୁ ନାହିଁ । | ୧ |
| ୨। ଦୁଇ ଦେଶ ମଧ୍ୟରେ ଯେଉଁ ପ୍ରତିଯୋଗିତା ହୁଏ | ପାଟିକରି ବାନ୍ଧ ପକାଇଲେ । | ୨ |
| ୩। ବୁଢ଼ୀ କହିଲା, | ନଚେତ୍ ଅକୃତ କାର୍ଯ୍ୟ ହେବ । | ୩ |
| ୪। ପୁଅ ଝିଅ ମା, ମାଇକିନିଆ-ମାନେ | ଗୋଟିଏ ବନ ମଧ୍ୟରେ ଆଶ୍ରମ କରି ରହୁଥିଲେ । | ୪ |
| ୫। ପରିଶ୍ରମ କର | ତାହାକୁ ଟେଷ୍ଟମ୍ୟାଚ୍ କହନ୍ତି । | ୫ |
| ୬। ସନ୍ନ୍ୟାସୀ ଲୋକାଳୟଠାରୁ ଦୂରରେ | ବା ମର । | ୬ |

୪। ନିମ୍ନଲିଖିତ ବାକ୍ୟଗୁଡ଼ିକ କେଉଁ ପ୍ରକାର କହ ଓ ସେଗୁଡ଼ିକୁ ଭିନ୍ନ ରୂପରେ ରୂପାନ୍ତରିତ କର ।

(କ) ସକାଳେ ଗ୍ରାମରେ ଶୁଣାଗଲା ଗୁମାସ୍ତା ଶ୍ୟାମବନ୍ଧୁ ମହାନ୍ତିଙ୍କୁ ବାଘ ଧରିଛି ।

(ଖ) ମହାନ୍ ପ୍ରାଣ ଯାହାର, ସେହି ସିନା ପର ଦୁଃଖରେ ଦୁଃଖୀ, ପର ସୁଖରେ ସୁଖୀ ହୁଏ ।

(ଗ) ଏତିକି କହି ଶୀଳବ ଅସହାୟ ବ୍ୟକ୍ତିଟିକୁ ପୃଷ୍ଠରେ ବସାଇ ନିଜ ବାସସ୍ଥାନକୁ ଘେନିଗଲେ ।

(ଘ) ବର୍ତ୍ତମାନ ତୁମେ କିଛି ସମୟ ବିଶ୍ରାମ କର, ମୁଁ ଟିକିଏ କାମ କରେ ।

(ଙ) ଭାରତୀୟ ଖେଳାଳିମାନଙ୍କୁ ଭାରତ ସରକାରଙ୍କ ତରଫରୁ ଦିଆ-ଯାଉଥିବା ଏହି ପ୍ରକାର ଏକ ପୁରସ୍କାରର ନାମ 'ଅର୍ଜୁନ ପୁରସ୍କାର' ।

(ଚ) ତାକୁ ବୁଝାଇବାକୁ ଚେଷ୍ଟା କଲି, କିନ୍ତୁ ସେ କିଛି ବୁଝିପାରିଲା ନାହିଁ ।

(ଛ) ପକ୍ଷୀମାନେ ଏ ଦୃଶ୍ୟ ଦେଖି ଆତୁର ରାଗିଗଲେ ଏବଂ ମହା କୋଳାହଳ କରି ଲାଞ୍ଜଖିଆ ରାଜା, ମନ୍ତ୍ରୀ ଓ କର୍ମଚାରୀମାନଙ୍କୁ ଖୁମ୍ପି ଲାଗିଲେ ।

# ୬ . ବାକ୍ୟ ବିଶ୍ଳେଷଣ

୬.୧-୧ । ଶ୍ୟାମବନ୍ଧୁ କହିଲେ, "ହଁ ହଁ ତୁ ପଢ଼ିବୁ ।" ( ରେବତୀ )

୨ । ଅନେକ ବିଜ୍ଞ ବ୍ୟକ୍ତି ରାଜାଙ୍କ ଦରବାରକୁ ଆସି ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କଲେ, କିନ୍ତୁ ପ୍ରତ୍ୟେକଙ୍କର ଉତ୍ତର ଭିନ୍ନ ଭିନ୍ନ ହେଲା । ( ତିନୋଟି ପ୍ରଶ୍ନ )

ଉପରଲିଖିତ (୧) ଓ (୨) ଦୁଇଟି ବାକ୍ୟ । ପ୍ରଥମଟି ଆକାରରେ କ୍ଷୁଦ୍ର, ମାତ୍ର ଦ୍ୱିତୀୟଟି ବଡ଼ । ପ୍ରଥମରେ ଦୁଇଟି ଛୋଟ ଛୋଟ ବାକ୍ୟ ଅଛି ।

ଯଥା—୧ । (କ) ଶ୍ୟାମବନ୍ଧୁ କହିଲେ ।
(ଖ) ହଁ ହଁ ତୁ ପଢ଼ିବୁ ।

ଏଠି ୧ମ ବାକ୍ୟର 'କ' ଟିରେ କର୍ତ୍ତା 'ଶ୍ୟାମବନ୍ଧୁ' ଓ ସମାପିକା କ୍ରିୟା 'କହିଲେ', 'ଶ୍ୟାମବନ୍ଧୁ କହିଲେ'—ଏହି ଛୋଟ ବାକ୍ୟଟି ଆପେ ଆପେ ନିଜର ଅର୍ଥ ପ୍ରକାଶ କରୁଛି । ଏହା କାହା ଉପରେ ନିର୍ଭର କରୁନାହିଁ । ଏଣୁ ଏହା ସମୁଦାୟ ବାକ୍ୟର ମୁଖ୍ୟ ଅଂଶ । ୧ମ ବାକ୍ୟର 'ଖ' ଅଂଶଟିରେ ମଧ୍ୟ ଗୋଟିଏ କର୍ତ୍ତା (ତୁ) ଅଛି ଓ ଗୋଟିଏ ସମାପିକା କ୍ରିୟା ( ପଢ଼ିବୁ ) ଅଛି, ମାତ୍ର ଏହି ବାକ୍ୟଟି ପ୍ରଥମ ବାକ୍ୟଟି 'ଶ୍ୟାମବନ୍ଧୁ କହିଲେ' ଉପରେ ନିର୍ଭର କରୁଛି । ଏଣୁ ଏହା ନିର୍ଭରଶୀଳ । ଆମେ ଯଦି ପଚାରିବା—'ଶ୍ୟାମବନ୍ଧୁ କ'ଣ କହିଲେ ?' ତେବେ ଉତ୍ତର ମିଳିବ—'ହଁ ହଁ ତୁ ପଢ଼ିବୁ ।' ଏଣୁ ୨ୟ ବାକ୍ୟଟି ( ହଁ ହଁ ତୁ ପଢ଼ିବୁ ) ଗୋଟିଏ ନିର୍ଭରଶୀଳ ବାକ୍ୟ । ଏହିପରି କେତେକ ବାକ୍ୟରେ ଏକ ବା ଏକାଧିକ ନିର୍ଭରଶୀଳ ବାକ୍ୟ ଥାଆନ୍ତି । ଏଠାରେ 'କ' ଉପରେ 'ଖ' ନିର୍ଭର କରୁଥିବାରୁ ସମୁଦାୟ ବାକ୍ୟଟି ଗୋଟିଏ ଜଟିଳ ବାକ୍ୟ ।

ବର୍ତ୍ତମାନ ୨ୟ ବାକ୍ୟକୁ ଲକ୍ଷ୍ୟ କର । ଏହି ବାକ୍ୟ ଆକାରରେ ଦୀର୍ଘ ହେଲେ ମଧ୍ୟ ଏଥିରେ ଦୁଇଟି ବାକ୍ୟ ଅଛି ।

ଯଥା—୨ । (କ) ଅନେକ ବିଜ୍ଞ ବ୍ୟକ୍ତି ରଜାଙ୍କ ଦରବାରକୁ ଆସି ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟା କଲେ ।

(ଖ) କିନ୍ତୁ ପ୍ରତ୍ୟେକଙ୍କର ଉତ୍ତର ଭିନ୍ନ ଭିନ୍ନ ହେଲା ।

ଏହି ୨ୟ ବାକ୍ୟ 'କ' ରେ ଗୋଟିଏ କର୍ତ୍ତା ( ବିଜ୍ଞ ବ୍ୟକ୍ତି ) ଓ ଗୋଟିଏ ସମାପିକା କ୍ରିୟା ( ଚେଷ୍ଟା କଲେ ) ଅଛି । ଏହି ବାକ୍ୟଟି କାହା ଉପରେ ନିର୍ଭର କରୁ ନାହିଁ । ନିଜ ଅର୍ଥ ନିଜେ ପ୍ରକାଶ କରୁଛି । ଏଣୁ ଏହି 'କ' ଅଂଶ ସମୁଦାୟ ବଡ଼ ବାକ୍ୟର ମୁଖ୍ୟ ଅଂଶ ।

'ଖ' ଅଂଶଟିରେ ମଧ୍ୟ ଗୋଟିଏ କର୍ତ୍ତା ( ଉତ୍ତର ) ଓ ଗୋଟିଏ ସମାପିକା କ୍ରିୟା ( ହେଲା ) ଅଛି । ଏ ବାକ୍ୟଟି ପ୍ରଥମ 'କ' ପରି ମଧ୍ୟ କାହା ଉପରେ ନିର୍ଭର କରୁ ନାହିଁ । ନିଜ ଅର୍ଥ ନିଜେ ପ୍ରକାଶ କରୁଛି । ଏଣୁ ଏହା ମଧ୍ୟ ଏକ ସ୍ୱାଧୀନ ବାକ୍ୟ । ମାତ୍ର ଏହା ନିର୍ଭରଶୀଳ ନ ହୋଇ 'କ' ପରି ଏକ ସହଯୋଗୀ ବାକ୍ୟ । ଏଣୁ ଏଠାରେ 'କ' ସ୍ୱାଧୀନ ଓ 'ଖ', 'କ' ର ସହଯୋଗୀ ବାକ୍ୟ ହୋଇଥିବାରୁ ଏ ମଧ୍ୟ ସ୍ୱାଧୀନ । ତେଣୁ ସମୁଦାୟ ବାକ୍ୟଟି—'ଅନେକ ବିଜ୍ଞ ବ୍ୟକ୍ତି……ଭିନ୍ନ ଭିନ୍ନ ହେଲା' ଗୋଟିଏ ଯୌଗିକ ବାକ୍ୟ ।

୬·୨ (ଏହିପରି ବଡ଼ ବଡ଼ ବାକ୍ୟଗୁଡ଼ିକୁ ତାହାର ମୁଖ୍ୟ ବାକ୍ୟ, ନିର୍ଭରଶୀଳ ବାକ୍ୟ ଓ ସହଯୋଗୀ ବାକ୍ୟଗୁଡ଼ିକରେ ବିଭକ୍ତ କରିବା ପ୍ରଣାଳୀକୁ **ବାକ୍ୟ ବିଶ୍ଳେଷଣ** କହନ୍ତି ।)

ପୂର୍ବବର୍ଣ୍ଣିତ ଯୌଗିକ ବାକ୍ୟଗୁଡ଼ିକ ଅବ୍ୟୟ ପଦ ଦ୍ୱାରା ଯୁକ୍ତ ହୋଇଥାନ୍ତି । ଦ୍ୱିତୀୟ ଉଦାହରଣରେ ଅନେକ ବିଜ୍ଞ ବ୍ୟକ୍ତି··ଚେଷ୍ଟା କଲେ କିନ୍ତୁ ପ୍ରତ୍ୟେକଙ୍କର··ହେଲା । ଏଠାରେ 'କିନ୍ତୁ' ସେହିପରି ଏକ ଅବ୍ୟୟ । କେତେକ ସ୍ଥାନରେ 'ଓ', 'ଏବଂ', 'ଆଉ', 'ପୁଣି' ପ୍ରଭୃତି

ସଂଯୋଜକ ଅବ୍ୟୟ 'କିନ୍ତୁ', 'ମାତ୍ର', 'କେବଳ', 'ତଥାପି' ବିଯୋଜକ ଅବ୍ୟୟ 'ବା', 'ଅଥବା', 'କିମ୍ବା', 'ନଚେତ୍' ପ୍ରଭୃତି ବିକଳ୍ପାର୍ଥକ ଅବ୍ୟୟ ଓ 'ତେଣୁ', 'ତେବେ', 'ସେହିହେତୁ' ପ୍ରଭୃତି ନିର୍ଦ୍ଧାରକ ଅବ୍ୟୟ ବ୍ୟବହୃତ ହୋଇଥାନ୍ତି ।

୭.୩ ବର୍ତ୍ତମାନ ଏକ ବା ଏକାଧିକ ନିର୍ଭରଶୀଳ ବାକ୍ୟଥିବା ନିମ୍ନ ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର ।

(କ) **ଯଦି ତୁମେ ଏ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବାକୁ ଚାହଁ** ତେବେ ନିଜେ ସତ୍ୟପଥରେ ଚାଲ । ( ସନ୍ତୁକବି ଶ୍ରୀମ ଘୋଇ )

(ଖ) ଆଜି କେତେ ଜଣ ପଣ୍ଡିତ ମତ ଦେଲେ **ଯେ କେତେକ ଜରୁରୀ କାର୍ଯ୍ୟ ସମ୍ପର୍କରେ ସଙ୍ଗେ ସଙ୍ଗେ ନିଷ୍ପତ୍ତି** ଗ୍ରହଣ କରିବାକୁ ହୁଏ । ( ତିନୋଟି ପ୍ରଶ୍ନ )

(ଗ) **ଯେଉଁ ଶିଳ୍ପୀମାନେ ଗଜଦନ୍ତରେ କାରୁକାର୍ଯ୍ୟମଣ୍ଡିତ ସୁନ୍ଦର ସୁନ୍ଦର ଦ୍ରବ୍ୟମାନ ନିର୍ମାଣ କରନ୍ତି,** ସେହି ଶିଳ୍ପୀମାନଙ୍କ ପାଖକୁ ଯାଇ ସେ ପଚାରିଲା । ( ଶୀଳବ ନାଗରାଜ )

ଉପରଲିଖିତ 'କ' ବାକ୍ୟରେ କଳା ଅକ୍ଷରରେ ଛପା ବାକ୍ୟଟି ମନର ଭାବ ସମ୍ପୂର୍ଣ୍ଣରୂପେ ପ୍ରକାଶ କରୁ ନାହିଁ ଏବଂ "ତେବେ ନିଜେ ସତ୍ୟପଥରେ ଚାଲ"...ଏହି ମୁଖ୍ୟ ବାକ୍ୟାଂଶ ଉପରେ ନିର୍ଭର କରୁଛି । ଏଣୁ ଏହା ଏକ ନିର୍ଭରଶୀଳ ବାକ୍ୟ । ଏ ବାକ୍ୟରେ ଗୋଟିଏ ମୁଖ୍ୟ ବାକ୍ୟ ଓ ଆଉ ଗୋଟିଏ ନିର୍ଭରଶୀଳ ବାକ୍ୟ ଅଛି । ଏଣୁ ଏ ସମୁଦାୟ (କ) ବାକ୍ୟଟି ଗୋଟିଏ ଜଟିଳ ବାକ୍ୟ ।

ସେହିପରି 'ଖ' ଓ 'ଗ' ବାକ୍ୟର କଳା ଅକ୍ଷରରେ ଛପା ବାକ୍ୟଗୁଡ଼ିକ ଗୋଟିଏ ଗୋଟିଏ ନିର୍ଭରଶୀଳ ବାକ୍ୟ । ଏଣୁ ଏହି 'ଖ' ଓ 'ଗ' ବାକ୍ୟଦୁଇଟି ଗୋଟିଏ ଗୋଟିଏ ଜଟିଳ ବାକ୍ୟ ।

## ଅନୁଶୀଳନୀ

[ ପ୍ରଥମେ ମୌଖିକ ଉତ୍ତର ଦିଅ ଓ ପରେ ଲେଖ ]

୧ । ନିମ୍ନଲିଖିତ ବାକ୍ୟଗୁଡ଼ିକରେ ମୁଖ୍ୟ ବାକ୍ୟ ଓ ନିର୍ଭରଶୀଳ ବାକ୍ୟଗୁଡ଼ିକୁ ଚିହ୍ନାଅ ।

(କ) ଯେଉଁ ବ୍ୟକ୍ତି ତାଙ୍କ ପ୍ରଶ୍ନ ତିନୋଟିର ଯଥାର୍ଥ ଉତ୍ତର ଦେଇପାରିବେ, ସେ ତାଙ୍କୁ ଉପଯୁକ୍ତ ପୁରସ୍କାର ଦେଇ ସମ୍ମାନିତ କରିବେ ।

(ଖ) ଯଦି ଯିବ, ବର୍ତ୍ତମାନ ଯାଅ ।

(ଗ) ସନ୍ନ୍ୟାସୀ କୌଣସି ଉତ୍ତର ନ ଦେଇ ଉଠିପଡ଼ିଲେ ଏବଂ କୋଡ଼ିଟି ନେବାକୁ ହାତ ବଢ଼ାଇଦେଲେ ।

(ଘ) ଛାତ୍ରମାନଙ୍କୁ ଭଲ ଉପଦେଶ ଦିଅ, କାରଣ ସେମାନେ ଦେଶର ମେରୁଦଣ୍ଡ ।

(ଙ) ଯେତେବେଳେ ଯାହା କରିବା କଥା, ତାହା କର ।

୨ । ଉପବାକ୍ୟ ସାହାଯ୍ୟରେ ଅସମ୍ପୂର୍ଣ୍ଣ ବାକ୍ୟକୁ ସମ୍ପୂର୍ଣ୍ଣ କର ।

(କ) ମନେରଖ···।

(ଖ) ········ସେ ଦେଶପ୍ରେମୀ ।

(ଗ) ········ସମସ୍ତେ ଜାଣନ୍ତି ।

(ଘ) ଗାନ୍ଧୀ କହୁଥିଲେ········ ।

(ଙ) ········ମୁଁ ଆମେରିକା ଯାଇପାରନ୍ତି ।

୩ । 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ଯୋଗକରି ବାକ୍ୟ ନାମ ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ | ବାକ୍ୟ ନାମ |
|---|---|---|
| (କ) ଶୀଘ୍ର ଶୁଅ | ସେ ପ୍ରଶଂସିତ ହୁଏ । | (କ) |
| (ଖ) ଯେ ଭଲ କାମ କରେ | ତାହାକୁ ଟେଷ୍ଟ ମ୍ୟାଚ କହନ୍ତି । | (ଖ) |
| (ଗ) ମୋ ସାନ ଭଉଣୀ ଭଲ ନାଚେ | ସେଠାରେ ବିଶ୍ରାମ ନିଅ । | (ଗ) |
| (ଘ) ଯେଉଁଠାରେ ଇଚ୍ଛା କରୁଛ | କିନ୍ତୁ ସେ ଭଲ ପଢ଼େ ନାହିଁ । | (ଘ) |
| (ଙ) ଦୁଇ ଦେଶ ମଧ୍ୟରେ ଯେଉଁ ପ୍ରତିଯୋଗିତା ହୁଏ | ଓ ଶୀଘ୍ର ଉଠ । | (ଙ) |

## ୭. ପଦାନ୍ୱୟ

୭.୧ ପୁରୀରେ ଜଗନ୍ନାଥଙ୍କ ମନ୍ଦିର ଅଛି ।

ଏହି ବାକ୍ୟଟି ଚାରିଟି ପଦକୁ ନେଇ ଗଠିତ । ସେଗୁଡ଼ିକ ହେଲା—'ପୁରୀରେ', 'ଜଗନ୍ନାଥଙ୍କ', 'ମନ୍ଦିର' ଓ 'ଅଛି'। 'ପୁରୀରେ' ପଦରେ 'ପୁରୀ' ଗୋଟିଏ ନାମବାଚକ ବିଶେଷ୍ୟ। ଏହା ସ୍ତ୍ରୀଲିଙ୍ଗ ଓ ଏକବଚନ। ଏହାସହିତ ସପ୍ତମୀ ବିଭକ୍ତିର ଚିହ୍ନ 'ରେ' ଯୁକ୍ତ ହୋଇଛି ଏବଂ ଏହା ଅଧିକରଣ କାରକ । 'ଜଗନ୍ନାଥଙ୍କ' ପଦରେ 'ଜଗନ୍ନାଥ' ନାମବାଚକ ବିଶେଷ୍ୟ । ଏହା ପୁଂଲିଙ୍ଗ ଓ ଏକବଚନ । ଏହାସହିତ ଷଷ୍ଠୀ ବିଭକ୍ତିର ଚିହ୍ନ 'ଙ୍କ' ଯୁକ୍ତ ହୋଇଛି । ଏହା ଏକ ସମ୍ବନ୍ଧ ପଦ ଓ 'ମନ୍ଦିର' ସହିତ ଏହାର ସମ୍ବନ୍ଧ ରହିଛି । 'ମନ୍ଦିର' ଏକ ଜାତିବାଚକ ବିଶେଷ୍ୟ । ଏହା କ୍ଳୀବ-ଲିଙ୍ଗ, ଏକବଚନ, କର୍ତ୍ତାକାରକ ଏବଂ କ୍ରିୟା 'ଅଛି' ସହିତ ଅନ୍ୱିତ । 'ଅଛି' କ୍ରିୟାଟି ସମାପିକା, ଅକର୍ମକ, ତୃତୀୟ ପୁରୁଷ, ଏକବଚନ, କର୍ତ୍ତୃବାଚ୍ୟ, ବର୍ତ୍ତମାନ କାଳ ଏବଂ କର୍ତ୍ତା 'ମନ୍ଦିର' ସହ ଏହା ଅନ୍ୱିତ । ଏଥିରୁ ଜାଣିଲ ଯେ ଉପର ବାକ୍ୟଟିରେ ପ୍ରତ୍ୟେକ ପଦର ଅନ୍ୟ ପଦସହ ସମ୍ବନ୍ଧ ରହିଛି । ତେଣୁ

୭.୨ ବାକ୍ୟରେ ବ୍ୟବହୃତ ପ୍ରତ୍ୟେକ ପଦକୁ ଚିହ୍ନିଇ ଅନ୍ୟ ପଦଗୁଡ଼ିକ ସହିତ ତାହାର ସମ୍ବନ୍ଧ ସ୍ଥିର କରିବାର ନାମ ପଦାନ୍ୱୟ ।

୭.୩ ତଳେ ଆଉ କେତୋଟି ବାକ୍ୟର କିପରି ପଦାନ୍ୱୟ କରାଯାଇଛି ସେଥିପ୍ରତି ଧ୍ୟାନ ଦିଅ ।

୨। ଜ୍ଞାନୀ ଲୋକମାନେ ସମସ୍ତଙ୍କଠାରୁ ଆଦର ଲାଭ କରନ୍ତି ।

ଜ୍ଞାନୀ—ଗୁଣବାଚକ ବିଶେଷଣ, 'ଲୋକମାନେ' ଏହି ବିଶେଷ୍ୟ ପଦର ବିଶେଷଣ ।

ଲୋକମାନେ— ଜାତିବାଚକ ବିଶେଷ୍ୟ, ଉଭୟଲିଙ୍ଗ, ବହୁବଚନ, କର୍ତ୍ତାକାରକ, ପ୍ରଥମା ବିଭକ୍ତି, 'ଲଭ କରନ୍ତି' କ୍ରିୟା ସହିତ ଅନ୍ୱିତ ।

ସମସ୍ତଙ୍କଠାରୁ—ସର୍ବନାମ, ଉଭୟଲିଙ୍ଗ, ବହୁବଚନ, ତୃତୀୟ ପୁରୁଷ, ଅପାଦାନ କାରକ, ପଞ୍ଚମୀ ବିଭକ୍ତି ।

ଆଦର— ଗୁଣବାଚକ ବିଶେଷ୍ୟ, କ୍ଳୀବଲିଙ୍ଗ, ଏକବଚନ, କର୍ମକାରକ, ଦ୍ୱିତୀୟା ବିଭକ୍ତି ।

ଲଭ କରନ୍ତି—ମିଶ୍ର କ୍ରିୟା, ସମାପିକା, ସକର୍ମକ, ତୃତୀୟ ପୁରୁଷ, ବହୁବଚନ, କର୍ତ୍ତୃବାଚ୍ୟ, ନିତ୍ୟପ୍ରବୃତ୍ତ ବର୍ତ୍ତମାନ କାଳ, କର୍ତ୍ତା 'ଲୋକମାନେ' ସହିତ ଅନ୍ୱିତ । 'ଆଦର' ବିଶେଷ୍ୟ ପଦଟି ଏହାର କର୍ମ ।

୩ । ମହାତ୍ମାଗାନ୍ଧୀ ଦେଶପାଇଁ ବହୁତ କାର୍ଯ୍ୟ କରିଛନ୍ତି ।

ମହାତ୍ମାଗାନ୍ଧୀ—ନାମବାଚକ ବିଶେଷ୍ୟ, ପୁଂଲିଙ୍ଗ, ଏକବଚନ, କର୍ତ୍ତାକାରକ, ପ୍ରଥମା ବିଭକ୍ତି, 'କରିଛନ୍ତି' କ୍ରିୟା ସହିତ ଅନ୍ୱିତ ।

ଦେଶପାଇଁ— ଜାତିବାଚକ ବିଶେଷ୍ୟ, କ୍ଳୀବଲିଙ୍ଗ, ଏକବଚନ, ସମ୍ପ୍ରଦାନ କାରକ, ଚତୁର୍ଥୀ ବିଭକ୍ତି ।

ବହୁତ— ପରିମାଣବାଚକ ବିଶେଷଣ, 'କାର୍ଯ୍ୟ' ବିଶେଷ୍ୟ ପଦର ବିଶେଷଣ ।

କାର୍ଯ୍ୟ— କ୍ରିୟାବାଚକ ବିଶେଷ୍ୟ, କ୍ଳୀବଲିଙ୍ଗ, ବହୁବଚନ, କର୍ମକାରକ, ଦ୍ୱିତୀୟା ବିଭକ୍ତି ।

କରିଛନ୍ତି— ସମାପିକା କ୍ରିୟା, ସକର୍ମକ, ତୃତୀୟ ପୁରୁଷ, ସମ୍ମାନସୂଚକ ଏକବଚନ, କର୍ତ୍ତୃବାଚ୍ୟ, ସମ୍ପନ୍ନ ବର୍ତ୍ତମାନ କାଳ, କର୍ତ୍ତା 'ମହାତ୍ମାଗାନ୍ଧୀ' ସହିତ ଅନ୍ୱିତ ଓ 'କାର୍ଯ୍ୟ' ବିଶେଷ୍ୟ ପଦଟି ଏହାର କର୍ମ ।

## ଅନୁଶୀଳନୀ

୧ । ପଦାନ୍ୱୟ କ'ଣ ?

୨ । ବନ୍ଧନୀମଧ୍ୟସ୍ଥ ନିର୍ଦ୍ଦେଶ ଅନୁସାରେ ତଳ ପଦଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

କଣ୍ଟକ ( ଅପାଦାନ କାରକ )

ପଢ଼ିବା ( ଅତୀତ କାଳ, ପ୍ରଥମ ପୁରୁଷ, ବହୁବଚନ )

ଦେବା ( ଅସମାପିକା କ୍ରିୟା )

ବନ୍ଧୁ ( ତୃତୀୟା ବିଭକ୍ତି, ବହୁବଚନ )

ସମୁଦ୍ର ( ଏହାର ଉପଯୁକ୍ତ ବିଶେଷଣ )

୩ । ତଳ ବାକ୍ୟଗୁଡ଼ିକର ପଦାନ୍ୱୟ କର ।

(କ) ଆମେ ରାତିରେ ପୂର୍ଣ୍ଣଚନ୍ଦ୍ର ଦେଖି ଆନନ୍ଦିତ ହେଲୁଁ ।

(ଖ) ବମ୍ବେ ନଗରୀରେ ବଡ଼ ବଡ଼ ଅଟ୍ଟାଳିକା ଅଛି ।

(ଗ) ପୁଲିସ ଲୋକମାନଙ୍କର ବହୁତ ଉପକାର କରନ୍ତି ।

(ଘ) ହରିଶ୍ଚନ୍ଦ୍ର ନିଜ ଆତ୍ମୀୟ ସ୍ୱଜନଙ୍କୁ ମଧ୍ୟ ପରିତ୍ୟାଗ କରିଥିଲେ ।

(ଙ) ନିବିଡ଼ ଜଙ୍ଗଲରେ ହିଂସ୍ର ଜନ୍ତୁମାନେ ବାସ କରନ୍ତି ।

୪ । ତୁମ ବନ୍ଧୁର ବିଭିନ୍ନ ପ୍ରସଙ୍ଗରୁ ବାକ୍ୟ ସଂଗ୍ରହ କରି ପଦାନ୍ୱୟ କର ।

---

OTBP (LPP)—925—90-91—1,20,000—6-10-89